# ନିରବତା ପରେ ପୁଣି ମାଡୁଛି କଫ୍ ସିରପ୍ ଚେର

**ବଲାଙ୍ଗିର, ୬।୩(ସମିସ)**

ବଲାଙ୍ଗିରରେ ବେଆଇନ କଫସିରପ କାରବାରର ମେରୁଦଣ୍ଡ ପୁଲିସ ଭାଙ୍ଗିବା ପାଇଁ ବହୁ ପୂର୍ବରୁ ଚେଷ୍ଟା କରିଆସୁଛି। କିଛି ମାସ ହେଲା ବଲାଙ୍ଗିର ସହର ଓ ଆଖପାଖ ଅଞ୍ଚଳରେ କଫସିରପ ନିଶା କାରବାର କିଛିମାତ୍ରାରେ ପ୍ରଭାବିତ ହୋଇଥିଲା; କିନ୍ତୁ ଏହା ଏବେ ପୁଣି ଆରମ୍ଭ ହେବାରେ ଲାଗିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କିଛି ନୁଆ ବ୍ୟବସାୟୀ ମଧ୍ୟ ଏହି କାରବାର ଆରମ୍ଭ କରିଛନ୍ତି। ବଲାଙ୍ଗିର ପୁଲିସ ମିଶନ କଫସିରପ ଆରମ୍ଭ କରି ଭଲ ସଫଳତା ପାଇଥିଲା। ଏବେ ପୁଲିସର ନିରବତାର ସୁଯୋଗ ନେଇ କଫସିରପ ବ୍ୟବସାୟୀ ସୁଯୋଗ ଖୋଜୁଛନ୍ତି। ସହର ଦେଇ ଜିଲ୍ଲାର ବିଭିନ୍ନ ସ୍ଥାନକୁ କଫସିରପ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ବାଇକ, ବସ, କାରରେ ଏହି କଫସିରପ ଚାଲାଣ ଏବେ ଜାରି ରହିଛି। ଗ୍ରାମାଞ୍ଚଳରେ ବ୍ୟବସାୟୀମାନେ ଏହାର ସୁଯୋଗ ନେଉଛନ୍ତି। ଅନେକ ଯୁବକ ଏବେ କଫସିରପ ବ୍ୟବସାୟ ଚଲାଇବା ପାଇଁ ଆଗକୁ ଆସିଥିବା ଅଭିଯୋଗ ହୋଇଛି। ଯେଉଁ ଅଞ୍ଚଳରେ କଫସିରପ ବ୍ୟବସାୟ କିମ୍ବା ବ୍ୟବହାର ହେଉ ନଥିଲା ସେହି ଅଞ୍ଚଳରେ ମଧ୍ୟ ଏବେ ଏହି ନିଶା କାରବାର ଆରମ୍ଭ ହୋଇଛି। ଆଗଲପୁରରୁ ଆରମ୍ଭ କରି ତୁରେକେଲା, ପୁଇଁନ୍ତଲାରୁ ଆରମ୍ଭ କରି ଲାଠୋର ଥାନା ପର୍ଯ୍ୟନ୍ତ ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳରେ କଫସିରପ ଚେର ଲମ୍ବିଛି। ଆଗକୁ ନିର୍ବାଚନ ଥିବା ବେଳେ ଏହି ନିଶା କାରବାର ପୁଲିସ ଓ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିପାରେ।



ଜିଲ୍ଲାସାରା ଭିତରେ ଲମ୍ବି ଚାଲିଛି ଚେର
ଶୋଇଛି ପୁଲିସ, ଚେଇଁଛି ବ୍ୟବସାୟୀ

ବିଗତ ଦିନରେ ବଲାଙ୍ଗିର ଜିଲ୍ଲାରେ କଫସିରଫ କାରବାରର ସାମ୍ରାଜ୍ୟ ବହୁ ଚର୍ଚ୍ଚିତ ରହିଥିଲା ବେଳେ ଏହାଦ୍ୱାରା ସହରରେ ଅପରାଧ ମଧ୍ୟ ବୃଦ୍ଧି ପାଉଥିବାରୁ ପୁଲିସ ମୁଣ୍ଡବଥା ସାଜିଥିଲା। ଫଳରେ ଏହାକୁ ସମୂଳେ ଦମନ କରିବା ପାଇଁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ। କେ. ଶିବା ଶୁବ୍ରମଣୀ ବଲାଙ୍ଗିର ଏସପି ଥିବା ସମୟରେ ହିଁ କଫସିରପ କାରବାର ବନ୍ଦ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲେ। ତାଙ୍କ ବଦଳି ପରେ ସନ୍ଦୀପ ସମ୍ପତ୍ତ, ନୀତିନ କୁଶଲକର ମଧ୍ୟ କଫସିରପମୁକ୍ତ ଅଭିଯାନକୁ ଜାରି ରଖିଥିଲେ। ଏହି ଏସପିଙ୍କ ନେତୃତ୍ୱରେ ତତକାଳୀନ ଏସଡିପିଓ ତୋଫାନ ବାଗ କଫସିରପ ସାମ୍ରାଜ୍ୟକୁ ଶକ୍ତ ଧକ୍କା ଦେବାରେ ସଫଳ ହୋଇଥିଲେ। ସଂଖ୍ୟାଧିକ ଚଢଉ ହୋଇଥିବା ବେଳେ ବହୁ ସଂଖ୍ୟାରେ ବ୍ୟବସାୟୀମାନେ ଜେଲ୍ ଯାଇଥିଲେ। ଏପରିକି ହଜାର ହଜାର ବୋତଲ କଫସିରପ ମଧ୍ୟ ଜବତ ହୋଇଥିଲା। ବର୍ତ୍ତମାନ କିନ୍ତୁ କିଛି ମାସ ହେଲା ପୁଲିସର ଏହି ଅଭିଯାନ ଶିଥିଳ ପଡ଼ିଛି। ବର୍ତ୍ତମାନ ବଲାଙ୍ଗିର ଏସପି ଥିବା ରୀଷିକେଶ ଖିଲାରୀ କଫସିରପ ଉପରେ ସେତିକି ଗୁରୁତ୍ୱ ପ୍ରଦାନ କରୁ ନଥିବା ଦେଖିବାକୁ ମିଳିଛି। ସେହିକ୍ରମରେ ଏସଡିପିଓ ଦାୟିତ୍ୱରେ ଥିବା ପ୍ରଦୀପ ସାହୁଙ୍କ ମଧ୍ୟ ସେହିଭଳି କିଛି ଆଖିଦୃଶିଆ ଚଢଉ କିମ୍ବା କାର୍ଯ୍ୟକଳାପ ଦେଖିବାକୁ ମିଳିନାହିଁ। ଯାହାର ସୁଯୋଗ ନେଇ ପୁଣି ଜିଲ୍ଲାରେ ବଢ଼ିବାରେ ଲାଗିଛି ଏହି କାରବାର। ଯାହାକୁ ଦୃଷ୍ଟିରେ ରଖି କଫସିରପମୁକ୍ତ ଅଭିଯାନକୁ ପୁଣି ଆରମ୍ଭ କରିବାକୁ ଦାବି ହୋଇଛି।

# ଅବସରନେଲେ ଶିକ୍ଷକ

**ବଲାଙ୍ଗିର, ୬।୩(ସମିସ):** ଆଗଲପୁର ବ୍ଲକ ଅନ୍ତର୍ଗତ ବଡଟିକା ଗ୍ରାମର ସରକାରୀ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପଶାୟତଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ବଡଟିକା କ୍ଲଷ୍ଟର ଅନ୍ତର୍ଗତ ବରିଷ୍ଠ ପ୍ରଧାନଶିକ୍ଷକ ଗଦାଧର ବାରିକଙ୍କ

**ସନ୍ତୋଷ ପଶାୟତ**

ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଇଓ ରଜନୀକାନ୍ତ ସାହୁ ମୁଖ୍ୟଅତିଥି, ଏବିଇଓ ଜୁଗିଆ ବାରିହା ମୁଖ୍ୟବକ୍ତା, ପଞ୍ଚାୟତ ହାଇସ୍କୁଲ ନଅଁଗାର ପ୍ରଧାନଶିକ୍ଷକ ଭାଗବତିଆ ସାହୁ, ବଲାଙ୍ଗିର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ହରେକୃଷ୍ଣ ରଥ, ଆଗଲପୁର ବ୍ଲକ ସମ୍ପାଦକ ଦିଲ୍ଲୀପ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କ୍ଲଷ୍ଟର ସିଆରସିସି ହୃଷୀକେଶ ପଧାନ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଭାସ୍କର ଭୋଇ, ଅଶୋକ ପଧାନ, କିଶୋର ଦଳପତି, ଦେବକୀ ମନହିରା, ଗୁଣନିଧି ସେଠ, ସନ୍ତୋଷିନୀ ବୁଡେକ, ମୁରଲୀ ପଧାନ, ଦିଲ୍ଲୀପ କୁଅଁର, ଛନ୍ଦାଚରଣ ପଧାନ, ଝରଣୀପାଲି ସିଆରସିସି ଅନିରୁଦ୍ଧ ଭୋଇ, ଆଗଲପୁର ଶିକ୍ଷକ ସଂଘ ସଭାପତି ଦୁର୍ଯ୍ୟୋଧନ ପଶାୟତ, ପ୍ରଧାନଶିକ୍ଷକ ରଘୁନାଥ ଷଡଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ପଧାନ ଓ ସମବେତ କମିଟି ସଭ୍ୟସଭ୍ୟା ବଡଟିକା ଗ୍ରାମରେ ଶୋଭାଯାତ୍ରାରେ ଯାଇ ବିଦାୟୀ ଶିକ୍ଷକ ଶ୍ରୀ ପଶାୟତଙ୍କୁ ତାଙ୍କ ବାସଗୃହକୁ ପାଛୋଟି ନେଇଥିଲେ। ପ୍ରଧାନଶିକ୍ଷକ ଅଶୋକ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**କଣ୍ଟାବାଞ୍ଜି:** ତୁରେକେଲା ଶିକ୍ଷାଜିଲ୍ଲା ଅନ୍ତର୍ଗତ ଝରଣୀ ଗ୍ରାମପଞ୍ଚାୟତ ପବ୍ଲିକ ହାଇସ୍କୁଲର ସହକାରୀ ଶିକ୍ଷକ ଅତୁଲ୍ୟ କୁମାର ତ୍ରିପାଠୀ ଅବସର ଗ୍ରହଣ କରିଛନ୍ତି। ଗ୍ରାମପଞ୍ଚାୟତ ପବ୍ଲିକ ହାଇସ୍କୁଲ, ଝରଣୀରୁ ଦୀର୍ଘ ତିରିଶି ବର୍ଷ ଶିକ୍ଷକତା କରି, ଫେବୃଆରୀ ୨୯ତାରିଖ ଅବସର ଗ୍ରହଣ କରିଛନ୍ତି। ତାଙ୍କର ଶାନ୍ତ ସରଳ ସ୍ୱଭାବ, ଇଂରାଜୀ, ଓଡ଼ିଆ ସାହିତ୍ୟ, ଇତିହାସ ଭୂଗୋଳ ଜ୍ଞାନ ଏ

**ଅତୁଲ୍ୟ ତ୍ରିପାଠୀ**

ଅଞ୍ଚଳରେ ଡାକ୍ତର, ଇଞ୍ଜିନିୟର, ଓକିଲ ବ୍ୟାଙ୍କ୍ ଅଫିସର, ଶିକ୍ଷକ, ଅଧ୍ୟାପକ ସୃଷ୍ଟି କରିବାରେ ସହାୟକ ହୋଇଥିଲା। ସ୍କୁଲ କମିଟି, ପୁରାତନ ଛାତ୍ରଛାତ୍ରୀ କମିଟି ତରଫରୁ ତାଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରିଚାଳନା କମିଟି ସଦସ୍ୟ ଆଶାଦୂଲ୍ଲା ଖାନ, କୌଶିକ ମେହେର, ବିମ୍ବାଧର ମେହେର, ପ୍ରଧାନ ଶିକ୍ଷକ ଉପେନ୍ଦ୍ର ବହାଲିଆ, ଚନ୍ଦ୍ରମା ମେହେର, ସମସ୍ତ ଶିକ୍ଷକ କର୍ମଚାରୀ, ପୁରାତନ ତଥା ବର୍ତ୍ତମାନ ଛାତ୍ରଛାତ୍ରୀ, ଅଭିଭାବକ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

# ବଢ଼ି ଚାଲିଛି ବେଆଇନ ଇଟାଭାଟି; କାର୍ଯ୍ୟାନୁଷ୍ଠାନ ନାହିଁ

**ବଲାଙ୍ଗିର/ମହୀମୁଣ୍ଡା, ୬।୩(ସମିସ):** ପ୍ରତିବର୍ଷ ରାଜ୍ୟ ବାହାରକୁ ବଲାଙ୍ଗିର ଜିଲ୍ଲାରୁ ଦାଦନ ଯାଆନ୍ତି। ଆନ୍ଧ୍ର, ତେଲଙ୍ଗାନା, ତାମିଲନାଡୁ, ରାଜକୋଟ ଭଳି ଜାଗାରେ ରହି ଇଟା ଗଢନ୍ତି। ବଲାଙ୍ଗିର ଜିଲ୍ଲାରେ ମଧ୍ୟ ବିପୁଳ ପରିମାଣରେ ଇଟାଭାଟି କରି ଇଟା ଗଢାଯାଏ। ଅନ୍ୟ ବ୍ଲକ ଅପେକ୍ଷା ପୁଇଁତଲା ବ୍ଲକରୁ କମ୍ ଦାଦନ ଯାଉଥିଲେ ହେଁ ପୁଇଁତଲା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଇଟାଭାଟି ଦେଖିଲେ ଆଶ୍ଚର୍ଯ୍ୟ ସୃଷ୍ଟି ହୁଏ। ରାଜସ୍ୱ ନିୟମ, ଜଙ୍ଗଲ ନିୟମକୁ ଫୁଁ କରି ଗଢାଚାଲିଛି ବେଆଇନ ଇଟାଭାଟି। ହେଲେ ପୁଇଁତଲା ବ୍ଲକ ପ୍ରଶାସନ ପାଖରେ ଏ ସମ୍ପର୍କିତ ଖବର ଅଛି କି ନାହିଁ ତାହା ଏବେ ପ୍ରଶ୍ନ।

ପୁଇଁତଲା ବ୍ଲକରେ ଥିବା ୨୫ଟି ପଞ୍ଚାୟତର ବିଭିନ୍ନ ଗାଁରେ ବେଆଇନ ଭାବରେ ଇଟାଗଢା ଚାଲିଛି। ଭାଲେର, ସୁର୍ଡା, ଦଶପୁର, ମହିମୁଣ୍ଡା, କାଳିଝରନ, ସିରାବହାଲ ଗାଁ ଓ ଅନ୍ୟ ଗାଁଗୁଡିକରେ ଇଟାଭାଟି ଚାଲିଥିଛି। ଜଙ୍ଗଲ ଜମି, ସରକାରୀ ଜମିରେ ଇଟାଗଢା ହେଉଛି। ଇଟା ପୋଡିବା ପାଇଁ କାଠ ବ୍ୟବହାର କରାଯାଉଛି। ଅଧିକ ଟଙ୍କା ଲୋଭରେ ଗୋଟିଏ ଭାଟି ମାଲିକ ଦୁଇ ତିନୋଟି ଭାଟି କରୁଛି। ତହିଁରେ ଗରିବ ପରିବାରଙ୍କୁ ନିୟୋଜିତ କରି ଇଟା ଗଢିବା କାମ କରାଉଛି। ବେଧଡକ ଇଟାଭାଟି କାମ ଚାଲିଥିବାବେଳେ ଏଥିପ୍ରତି କାହାର ନଜର ନାହିଁ। ଏହି



ଅଞ୍ଚଳରେ ଇଟାଗଢା ସରିଛି। ଆଉ କିଛି ଦିନ ପରେ ଇଟା ପୋଡିବା ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ଶ୍ରମିକମାନେ ଗଢା ହୋଇଥିବା ମାଟି ଇଟାକୁ ଥାପି ମାରିବା କାମ କରୁଛନ୍ତି। ଏହାପରେ ଜଙ୍ଗଲରୁ ଛୋଟବଡ ଗଛକାଟି ଭାଟିରେ ଲଗାଯିବ। କେତେକ ସ୍ଥାନରେ ପ୍ରଥମ ପର୍ଯ୍ୟାୟ ଇଟାପୋଡା କାମ ସରିଛି। ଲାଲ ଇଟା ବାହାରିବା ପରେ ଭାଟି ମାଲିକ ଏହାକୁ ଟ୍ରିପ ପ୍ରତି ୭ ହଜାରରୁ ୭୫୦୦ ଟଙ୍କାରେ ବିକ୍ରି କରୁଛନ୍ତି। ତେବେ ଇଟା ପୋଡା ପ୍ରକ୍ରିୟାରେ ଜଙ୍ଗଲ ନଷ୍ଟ ହେଉଛି ତାହା ନୁହେଁ। ଭାଟିରୁ ବାହାରୁଥିବା ଧୂଆଁରେ ସ୍ଥାନୀୟ ଲୋକେ ଅଣନିଶ୍ୱାସୀ ହେଉଛନ୍ତି। ପୁଇଁତଲା ତହସିଲଦାର ସରୋଜ ପୃଷେଠ୍ ଏ ସମ୍ପର୍କରେ କହିଥିଲେ ଯେ ପୂର୍ବରୁ ଆମେ କିଛି ଇଟାଭାଟି ଉପରେ ଚଢଉ କରିଥିଲୁ। ତହସିଲ ତରଫରୁ ପୁଣି ଚଢଉ ଆରମ୍ଭ କରାଯିବ ବୋଲି କହିଥିଲେ। ତେବେ ଯଥାଶିଘ୍ର ଏହି ଭାଟି ଉପରେ ଚଢଉ କରି ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ

**ବଲାଙ୍ଗିର, ୬।୩(ସମିସ):** ଆଗଲପୁର ବ୍ଲକ ଅନ୍ତର୍ଗତ ହରଭଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ପଶାୟତଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବରେ ମୁରୁଷୁଣ୍ଡି ସରପଞ୍ଚ ରଥି ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସର୍ବପ୍ରଥମେ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ, ଅଲୁମିନୀ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ସାହୁ, ଦିଲ୍ଲୀପ ଥନାପତି, ରାଜକିଶୋର ମହାକୁର, ମଣ୍ଟେସ ସାହୁ, ପିଙ୍କି କର୍ଣ୍ଣ ତଥା କିମିଟିର ସଭ୍ୟ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦୁର୍ନୀତି

# ମାଟି ଉନ୍ନତି କାମରେ ୧୨ ଜଣଙ୍କୁ ମିଛ କାର୍ଯ୍ୟାଦେଶ ପ୍ରଦାନ

**ଖପ୍ରାଖୋଲ, ୬।୩(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ମାଟିଆଭଟା ପଞ୍ଚାୟତ ପୁତୁଳାମହୁଲ ଗ୍ରାମର ୧୨ ଜଣ ହିତାଧିକାରୀଙ୍କୁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଜମିରେ ମାଟି ଉନ୍ନତି କାମ କରିଦେବାର ମିଛ କାର୍ଯ୍ୟାଦେଶ ଜିଆରଏସ ଓ ସରପଞ୍ଚ ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ବିଷୟରେ ଜମି ମରାମତି ପାଇଁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ବିଡିଓ ବିବେକାନନ୍ଦଙ୍କ ଷଡଙ୍ଗୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହିତାଧିକାରୀଙ୍କ ନାମରେ କୌଣସି ମାଟି ଉନ୍ନତି କାମ ସରକାରଙ୍କ ତରଫରୁ ଅନୁମୋଦନ ହୋଇନାହିଁ ବୋଲି ଏବେ ଜଣାପଡ଼ିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୁର୍ନୀତିଖୋର୍ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି। ଏନେଇ ଖପ୍ରାଖୋଲ ବିଡିଓ ଏହାର ତଦନ୍ତ କରି ଦୋଷୀଙ୍କ ଉପରେ



କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ୨୦୨୨-୨୩ରେ ହିତାଧିକାରୀ ସନ୍ତୋଷ ସାହୁ ଓ ଅନ୍ୟ ୧୨ ଜଣଙ୍କ ନାମରେ ମୁଣ୍ଡପିଛା ୫୦ ହଜାର ଟଙ୍କାର ଜମିରେ ମାଟି ଉନ୍ନତି କାମ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ସରପଞ୍ଚଙ୍କ ଗ୍ରାମ ଅନକାମୁରାସ୍ଥିତ ଘରେ ଜିଆରଏସଙ୍କ ଉପସ୍ଥିତିରେ ଶ୍ୟାମସୁନ୍ଦର ସାହୁ, ଲୋକନାଥ ସାହୁ, ଚୈତନ୍ୟ ସାହୁ, ନୃପ ସାହୁ, ଭାଗ୍ୟବାନ ସାହୁ, ସୁମିତ୍ରା ମାଝୀ, ହାଡୁ ସାହୁ, ଟିକନୁ ବାଗ, ଧନମତି ପଟେଲ, ତ୍ରିଲୋଚନ ବାଗ, ନିର୍ମାଲ୍ୟ ସାହୁଙ୍କୁ କାର୍ଯ୍ୟ ବଣ୍ଟନ କରାଯାଇଥିଲା। ପରେ ଜଣେ ୱାର୍ଡ ସଭ୍ୟଙ୍କ ଜରିଆରେ ହିତାଧିକାରୀଙ୍କ ମୁଣ୍ଡପିଛା ଦୁଇରୁ ଚାରି ହଜାର ଟଙ୍କା ଜିଆରଏସ, ଜେଇ, ଏପିଓ ଏବଂ ବ୍ଲକର ମନରେଗା କାମ ଅନୁମୋଦନ କରୁଥିବା ବ୍ୟକ୍ତିଙ୍କ ନାମ ଧରି ଟଙ୍କା ମାଗିଥିବା ଅଭିଯୋଗ ହୋଇଛି। ଏହାସହ ଜିଆରଏସ ସୁଧର୍ମା ବେହେରା ଜମି ଉନ୍ନତି ହେବାକୁ ଥିବା ସ୍ଥାନକୁ ଯାଇ ଜିଓଟେକିଙ୍ଗ କରିଥିଲେ। ଏହାପରେ ହିତାଧିକାରୀମାନେ ଶ୍ରମିକଙ୍କ ଜବକାର୍ଡ ଜିଆରଏସଙ୍କୁ ଦେଇଥିଲେ। ମାଟି ଉନ୍ନତି କାମ ସାରିଲା ପରେ ବିଭାଗୀୟ ଜେଇଙ୍କ ମ୍ୟାଟ ମାଟି କାମ କେତେ ହୋଇଛି ତାହା ମାପିବାକୁ ଯାଇଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଏତିକି ହେଲାପରେ ଜିଆରଏସ ଓ ସରପଞ୍ଚ ମିଛ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଥିଲେ। ଏହାପରେ କାମ କରିଥିବା ଶ୍ରମିକମାନେ ତାଙ୍କ ଦୈନିକ ମଜୁରୀ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କୁ ପ୍ରାପ୍ୟ ମାଗିଥିଲେ। ଟଙ୍କା ପାଇଁ ହିତାଧିକାରୀମାନେ ନିଜ ଘରେ ଥିବା ସୁନା ଅଲଙ୍କାର ବିକ୍ରୟ କରିବା ସହ ଧାରକରଜ କରି ମଜୁରୀ ଟଙ୍କା ଜମି ମରାମତି କରିଥିବା ଶ୍ରମିକମାନଙ୍କୁ ପ୍ରଦାନ କରିଥିଲେ

# ଡିକି ଭାଙ୍ଗି ଝାମ୍ପିନେଲା ୫୦ ହଜାର ଟଙ୍କା



**ବେଲପଡ଼ା, ୬।୩(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ଛକ ଆଗରେ ଥିବା ସୁବାସ ଫଳ ଦୋକାନ ସାମ୍ନାରୁ ବାଇକ୍ ଡିକି ଭାଙ୍ଗି ୫୦ ହଜାର ଟଙ୍କା ଲୁଟ ହୋଇଛି। ବେଲପଡା ଥାନାରେ ଅଭିଯୋଗ ହୋଇଥିଲା ବେଳେ ପୁଲିସ ହାତ ଖାଲି ରହିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

**ପୁଲିସ ହାତ ଖାଲି**

ସୂଚନା ମୁତାବକ, ଡୁମେରମୁଣ୍ଡା ଗାଁର ପରକ୍ଷିତ ବନଛୋର ଓ ପତ୍ନୀ ବିନୋଦିନୀ ବନଛୋର ଏକ ବାଇକରେ ବେଲପଡା ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଆସିଥିଲେ। ନିଜ ପ୍ରଧାନମନ୍ତ୍ରୀ ଆବାସ ଘର ଟଙ୍କା ଉଠାଣ କରି ନିଜ ଡିକିରେ ଭର୍ତ୍ତି କରିଥିଲେ। ବ୍ୟାଙ୍କଠାରୁ କିଛି ଦୂର ଗଲାପରେ ଏକ ଫଳ ଦୋକାନ ବାହାରେ ବାଇକ୍‌କୁ ରଖି କିଛି କିଣିବା ସମୟରେ ଜଣେ ଯୁବକ ଡିକି ଭାଙ୍ଗି ଟଙ୍କା ବ୍ୟାଗ ଧରି ବାଇକରେ ଫେରାର ମାରିଥିଲେ। ଯାହାର ଦୃଶ୍ୟ ସିସିଟିଭିରେ ମଧ୍ୟ କଏଦ ହୋଇଛି। ଏହି ଘଟଣାରେ ପୁଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଥିଲେ ମଧ୍ୟ ସଫଳତା ମିଳିପାରି ନାହିଁ। ଏବେ ଲୁଟ୍‌ର ଶିକାର ହୋଇଥିବା ଦମ୍ପତି ନିରାଶ ହୋଇ ଚିନ୍ତାରେ ପଡ଼ି ଯାଇଛନ୍ତି। ଶୀଘ୍ର ପୁଲିସ ଅଭିଯୁକ୍ତକୁ ଧରି ଚୋରି ଟଙ୍କା ଫେରସ୍ତ କରିବାକୁ ଦାବି ହେଉଛି। ଏହାସହ ସହରରେ ପୁଲିସ ବ୍ୟବସ୍ଥା କଡାକଡି କରିବାକୁ ଦାବି ଉଠୁଛି।

# ଦୁଇ ଦଶନ୍ଧିର ସମସ୍ୟା; ସ୍ଥାୟୀ ସମାଧାନ କେବେ ?

**ପାଟଣାଗଡ଼, ୬।୩ (ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ପଞ୍ଚାୟତର ଗହୀରପାଲି ଗ୍ରାମର ଗୋଟିଏ ୱାର୍ଡ ବିଶିଷ୍ଟ। ପାଞ୍ଚ



ଶହରୁ ଅଧିକ ଜନସଂଖ୍ୟା ଏହି ଗାଁରେ ପାନୀୟଜଳ ସମସ୍ୟା ରହିଥିବାରୁ ଗତ ୨୦ ବର୍ଷରେ ୬ ଜଣ କିଡ୍‌ନୀ ରୋଗାକ୍ରାନ୍ତ ହୋଇ ପ୍ରାଣ ହରାଇଲେଣି। ମୃତକ ହେଲେ ହୀରାଧର ପୋଡ଼ (୫୩), ଦାନିଏଲ ନାଗ (୫୫), ସୁରୁ ପୋଡ଼ (୫୦), ଦ୍ରୌପଦୀ ନାଗ (୪୮), ସଂକୀର୍ତ୍ତନ ନାଗ (୬୦), ମାଳତୀ ନାଗ (୫୭)। ବର୍ତ୍ତମାନ ଗ୍ରାମରେ ଦୁଇଜଣ କୁମାରୀ ନାଗ (୫୨) ଓ ବଳରାମ ଚନ୍ଦନ (୪୫) ଏହି ରୋଗରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଗ୍ରାମରେ ଫ୍ଲୋରାଇଡ ପାଣି ଯୋଗୁଁ ଏହି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ କେବଳ ନଳକୂପ ଉପରେ ଭରସା କରନ୍ତି। ସେଥିରେ ଫ୍ଲୋରାଇଡ ପାଣି ଆସୁଥିବାରୁ ଗରିବ ଶ୍ରେଣୀର ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ପ୍ରାପ୍ତ ବୟସ ପୂର୍ବରୁ ପ୍ରାଣ ହରାଉଛନ୍ତି। ସାତୋଟି ନଳକୂପ ମଧ୍ୟରୁ ଗ୍ରାମର ପୁରୁଣାବସ୍ତିର ଉପରପଡା, ନୂଆବସ୍ତି, ତଳପଡା ଓ ହରିଜନ ପଡାର ନଳକୂପ ସଚଳ ରହିଛି। ଗତବର୍ଷ ପ୍ରଶାସନ ପକ୍ଷରୁ ତିନୋଟି ନଳକୂପକୁ ଫ୍ଲୋରାଇଡ ପାଣି ଯୋଗୁଁ ପାଣି ବ୍ୟବହାର ପାଇଁ ବନ୍ଦ କରି ଦିଆଯାଇଛି ତଥାପି ଯେଉଁ ସବୁ ନଳକୂପ ସଚଳ ଅଛି ସେଥିରୁ ବାହାରୁଥିବା ପାଣିରେ ମଧ୍ୟ ଫ୍ଲୋରାଇଡ ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି କାରଣ ବର୍ତ୍ତମାନ ମଧ୍ୟ ଗ୍ରାମରେ ଦୁଇଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଅନ୍ୟପଟେ ନଳକୂପ ଛଡା ଗ୍ରାମବାସୀଙ୍କ ପାନୀୟଜଳ ପାଇଁ ଅନ୍ୟ କୌଣସି ବିକଳ୍ପ ନାହିଁ। ଦୁଇବର୍ଷ ତଳେ ପଞ୍ଚାୟତ ତରଫରୁ କରାଯାଇଥିବା ଏକ ପୋଖରୀ ତଥା ମୁଣ୍ଡା ଉପରେ ଗ୍ରାମବାସୀ ଶୌଚ ପାଇଁ ନିର୍ଭର କରନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ତାତିରେ ତାହା ମଧ୍ୟ ଶୁଖିଯାଏ। ଫଳରେ ଶୌଚ ପାଇଁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ଗ୍ରାମକୁ ରାଜ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ପରିଦର୍ଶନ ସହ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦରକାର ବୋଲି ମତ ପ୍ରକାଶ ପାଇଛି। ଏହାସହ ଆକ୍ରାନ୍ତ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।




- ଗହୀରପାଲିରେ ବନ୍ଦ ହେଉନି କିଡ୍‌ନୀ ରୋଗ
- ଗଡ଼ିଲାଣି ୬ ମୁଣ୍ଡ, ଏବେବି ୨ ଆକ୍ରାନ୍ତ
- ନଳକୂଅ ପାଣି ଛଡ଼ା ଅନ୍ୟ ଉତ୍ସର ନାହିଁ ବିକଳ୍ପ

### ଗ୍ରାମବାସୀଙ୍କ ପ୍ରତିକ୍ରିୟା..



ଆମ ଗ୍ରାମରେ ପାନୀୟଜଳ ସମସ୍ୟା ରହିଥିବାରୁ ଲୋକେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହାରୁଛନ୍ତି। ମୋ ବାପା ମଧ୍ୟ କିଡନୀ ରୋଗରେ ଆକ୍ରାନ୍ତ ହୋଇ କମ ବୟସରେ ତାଙ୍କ ମୃତ୍ୟୁ ହେଲା। ମୁଁ ପାଞ୍ଚ ବର୍ଷଧରି ଚିକିତ୍ସା କରି ତଳିତଳାନ୍ତ ହୋଇଯାଇଛି। ସରକାରୀ ସହାୟତା କିଛି ମିଳିନାହିଁ। ସରକାର ଆମ ଗ୍ରାମରେ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ।

**ଗଙ୍ଗା ପୋଡ଼**



ଗତ ଦୁଇ ଦଶନ୍ଧି ଧରି ଆମ ଗ୍ରାମରେ ପାନୀୟଜଳ ସମସ୍ୟା ଯୋଗୁଁ କିଡ୍‌ନୀ ରୋଗର ଭୟ ସଞ୍ଚାର ହୋଇଛି। ଏନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ମଧ୍ୟ ରହିଛନ୍ତି। ସରକାର ଆମ ଗ୍ରାମକୁ ଦୃଷ୍ଟି ଦେଇ ଉପଯୁକ୍ତ ସମାଧାନ କରନ୍ତୁ ଓ ରୋଗରେ ଆକ୍ରାନ୍ତ ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉ।

**ନାରାୟଣ ପୋଡ଼, ୱାର୍ଡସଭ୍ୟ**



ଆମ ଗ୍ରାମରେ ଭଲ ପାଣି ନାହିଁ। ପାନୀୟ ଜଳର ସମସ୍ୟା ରହିଛି। ସେଥିପାଇଁ ୪୫ରୁ ୫୦ ବର୍ଷ ଭିତରେ ଲୋକେ ମରିଯାଉଛନ୍ତି। ଖରା ସମୟରେ ଶୌଚ ପାଇଁ ମଧ୍ୟ ପାଣି ସମସ୍ୟା ରହୁଛି। ସରକାର ତୁରନ୍ତ ଭଲ ପାଣି ଯୋଗାଇ ଦିଅନ୍ତୁ ନ ହେଲେ ଆଗକୁ ଆହୁରି ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବେ।

**ଭାଗ୍ୟସିନୀ ଯାନୀ**




ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ପଞ୍ଚାୟତ ସାପ୍ତାହିକ ବଜାର ପରିସରରେ ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଆରମ୍ଭ ହୋଇଛି।



# କୋଟୋଢିରେ ପୁଲିସର ଜନସମ୍ପର୍କ ଶିବିର

**ଲାଞ୍ଜିଗଡ଼, ୬।୩(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭୁର୍ଟିଗଡ଼ ପଞ୍ଚାୟତ ନର୍ଲା ଥାନା ଅଧୀନ କୋଟୋଢିରେ ପୁଲିସ ଜନ ସମ୍ପର୍କ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋଟୋଢି ସମେତ ଖାଇରୁଆ, ସିରିଗା, ମେଡିକୁପ, ପାଲକି, ମହିନାଲ, କାଦୋମସ୍କା ପଞ୍ଚାୟତ ଅଞ୍ଚଳରୁ ବହୁ ଲୋକ ଯୋଗ ଦେଇଥିଲେ। ନର୍ଲା ଥାନା ଅଧିକାରୀ ମମତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ କେସିଙ୍ଗା ଏସଡିପିଓ ବିନୋଦ ପାଟିଲ, ଶ୍ରୀକାନ୍ତ ବେହେରା, ଆରଆଇ ସୁରେଶ କୁମାର, ବିଆର୍ ସିଂ, ସିକେରକୁପା ଫାଣ୍ଡି ଅଧିକାରୀ ମିନାରାଓ ଶବର, ଗୋପାଳ ଦାସ ମହାନନ୍ଦ ଯୋଗ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରିବା ନେଇ ଏହି ଅବସରରେ ପୁଲିସ ତଥା ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଲିବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜତିନ୍ଦ୍ର ଦ୍ରୋଣ ମଞ୍ଚ ପରିଚାଳନା କରିଥିଲେ। ପରିଚାଳନାରେ ତୀର୍ଥ ମାଝୀ, ବଳରାମ, ବୈଷ୍ଣବ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଉପସ୍ଥିତ ସମସ୍ତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା।




# କେନାଲ ମରାମତି ପରେ ଜଳଯୋଗାଣ ସ୍ୱାଭାବିକ

**ଜୟପାଟଣା/କଲମପୁର, ୬।୩(ସମିସ)**

ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଆରଡ଼ି ୪୦.୮୯ ଦେପୁର ନିକଟରେ ରବିବାର ବିଳମ୍ବିତ ରାତିରେ ଭୁଶୁଡିବା ଫଳରେ ୨୦ ଫୁଟ ଘାଇ ସୃଷ୍ଟି ହେବା ସହ ଚାଷ ଜମି ଓ ଗାଁରେ ଜଳବନ୍ୟା ହୋଇଥିଲା। ପ୍ରାୟ ଘଣ୍ଟାଏ ଧରି ଜଳ ଯୋଗାଣ ବନ୍ଦ ଥିବା ବେଳେ ବିଭାଗୀୟ ଅଧିକାରୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣି, ଅଧିକ୍ଷଣ ଯନ୍ତ୍ରୀ ରାଜକୁମର ବେହେରା, ଏସ୍‌ଡିଓ ଶ୍ୟାମ ସୁନ୍ଦର ମାରାଣ୍ଡି, ନେଲସନ ତାଡିଙ୍ଗି, ନିର୍ବାହୀ ଯନ୍ତ୍ରୀ ପ୍ରଣୟ ପ୍ରଧାନ, ସହକାରୀ ଯନ୍ତ୍ରୀ ଶିଶିର ପଣ୍ଡା, ଲକ୍ଷ୍ମଣ ସେଠି, ପ୍ରତାପ ବେହେରାଙ୍କ ଉପସ୍ଥିତିରେ ମରାମତି ହୋଇଛି। ବୁଧବାର ଅପରାହ୍ନରେ ଜଳ ଯୋଗାଣ ସ୍ୱାଭାବିକ ହୋଇଛି। ଏହାଫଳରେ ଧାନଚାଷ ନଷ୍ଟ ଆଶଙ୍କା ଟଳଛି। ଚାଷୀଙ୍କ ଚିନ୍ତା ଦୂର ହୋଇଛି। ଅନ୍ୟପକ୍ଷରେ କେନାଲ ଭାଙ୍ଗି ପ୍ରବାହିତ ହୋଇଥିବା ପାଣିରେ ପ୍ରାୟ ୫୦ରୁ ୬୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବା ବେଳେ ୧୦ରୁ ୧୨ ଏକର ଜମିରେ ଫସଲ ନଷ୍ଟ ହୋଇଛି ବୋଲି କଲମପୁର ଆରଆଇ କହିଛନ୍ତି। ଦେପୁର ଗ୍ରାମର ଶନିଶ୍ଚର ମାଲ, ବିମ୍ବାଧର ମାଲ, କୃଷ୍ଣଚନ୍ଦ୍ର ମାଲ, ଜାନକୀ ମାଲଙ୍କ ଘରେ ପାଣି ପଶି ଘରେ ଚାଉଳ, ଆସବାବପତ୍ର ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।



ସୂଚନାଯୋଗ୍ୟ, ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଦୀର୍ଘ ଦିନରୁ ଶୋଚନୀୟ ଥିବା ବେଳେ ୨୦୨୧

## ଟଳିଲା ଫସଲ ନଷ୍ଟ ଆଶଙ୍କା

ନଭେମ୍ବରରେ ଆରଡ଼ି ୦ରୁ ୪୧ କିମି ପର୍ଯ୍ୟନ୍ତ ୧୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହାର ପୁନଃ ନିର୍ମାଣ ହେଉଛି। ଅଦ୍ୟାବଧି ୭୫ ଭାଗ କାର୍ଯ୍ୟ ସମ୍ପାଦନ ସରିଛି। ପୁରୁଣା ପାହାଚ ଥିବା ସ୍ଥାନରେ ୨୦ ମିଟରରୁ ୪୦ ମିଟର ପର୍ଯ୍ୟନ୍ତ ୬ଟି ସ୍ଥାନରେ କାର୍ଯ୍ୟ ହୋଇନାହିଁ। ୧୪୮ କୋଟି ଟଙ୍କାରୁ ବର୍ତ୍ତମାନ ସୁଦ୍ଧା ୧୧୦ କୋଟି ଟଙ୍କା ବିଲ୍ ସରିଛି। ଆଉ ୩୮ କୋଟି ଟଙ୍କା ବଳକା ରହିଛି।

## ଘାଟିରେ ଓଲଟିଲା ବସ୍
# ଅଳ୍ପକେ ବର୍ତିଲେ ୪୦ଯାତ୍ରୀ

**ଚାରିଛକ, ୬।୩(ସମିସ):** ବୌଦ୍ଧ-କନ୍ଧମାଳ ସୀମାନ୍ତ ରାଣୀପଥର ଘାଟିରେ ବୁଧବାର ସକାଳେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ସୌଭାଗ୍ୟବଶତ ଗାଡ଼ିରେ ଥିବା ୪୦ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଓଏସଆରଟିସି (ନମ୍ବର ଓଡି ୧୯-ସି -୫୪୭୦) ବସ୍ ୪୦ଜଣ ଯାତ୍ରୀଙ୍କୁ ଧରି ଫୁଲବାଣୀରୁ ଅନୁଗୋଳ ଅଭିମୁଖେ ଯାତ୍ରା କରୁଥିଲା। ଫୁଲବାଣୀରୁ ୨୦/୨୫ କିଲୋମିଟର ଆସିବାପରେ ରାଣୀପଥର ଘାଟିରେ ବସଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଝରକା କାଚ ଭାଙ୍ଗି ବଡ଼ କଷ୍ଟରେ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ଫୁଲବାଣୀ ଏବଂ ପୁରୁଣାକଟକ ହସ୍ପିଟାଲରେ ଭର୍ତ୍ତୀ କରାଯାଇଥିଲା।



# ଅସହାୟ ବୃଦ୍ଧ ଉଦ୍ଧାର

**ସୋନପୁର, ୬।୩(ସମିସ):** ମନମୁଣ୍ଡା ନିକଟସ୍ଥ ଖଇରମାଳଠାରୁ ଅସହାୟ ଭାବେ ବସି ରହିଥିବା ଜଣେ ବୃଦ୍ଧଙ୍କୁ ସୋନପୁର ବୁଢାରଜା ଯୁବ ସଂଗଠନ ଉଦ୍ଧାର କରିଛି। ଅନୁଷ୍ଠାନର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୋନପୁର ଅଣାଯାଇଛି। ସ୍ପିନିଂ ମିଲ୍ ଛକଠାରେ ଥିବା ସଂଗଠନର କାର୍ଯ୍ୟାଳୟକୁ ଆଣି ତାଙ୍କୁ ପରିଷ୍କାର ପରିଚ୍ଛନ୍ନ କରି ସଫା ଲୁଗା ପିନ୍ଧିବା ପାଇଁ ଦିଆଯାଇଛି। ଖାଦ୍ୟ ପେୟ ଖାଇ ବିଶ୍ରାମ ନେଲା ପରେ ବୃଦ୍ଧ ଜଣଙ୍କ ସୁସ୍ଥ ଅଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ପରିଚୟ ଖୋଜୁଛନ୍ତି। କଥାବାର୍ତ୍ତାରୁ ସେ ପଶ୍ଚିମବଙ୍ଗ ମାଲଦା ଅଞ୍ଚଳର ବୋଲି ଜଣା ପଡୁଥିବା ସଂଗଠନର ସଭାପତି ଶିବଶଙ୍କର ନାୟକ କହିଛନ୍ତି। ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା ଚାଲିଛି।



# ତରଭାରେ ନୂତନ ତହସିଲଦାର



**ତରଭା, ୬।୩(ସମିସ):** ତରଭାର ନୂତନ ତହସିଲଦାର ଭାବେ ତୁଳା ମୁଦୁଲି ବୁଧବାର ଯୋଗ ଦେଇଛନ୍ତି ଏହା ପୂର୍ବରୁ ସେ କୋଟପାଡ଼ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଅବସ୍ଥାପିତ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନଙ୍କୁ କୋରାପୁଟ ଜିଲ୍ଲା କୋଟପାଡ ତହସିଲକୁ ବଦଳି ହୋଇଛି।

# ଭାଙ୍ଗିଲା ଘର; ବର୍ତ୍ତିଗଲେ ପରିବାର

**କୋମନା, ୬।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୋଲବନ୍ଧ ଗ୍ରାମରେ ଜଣକ ଘର ଭାଙ୍ଗି ଯାଇଛି। ତେବେ ତାଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏକ ଭଙ୍ଗା ଘରେ ସନତ ନିଆଳଙ୍କ ପରିବାର ରହି ଆସୁଥିଲେ। ସମସ୍ତେ ଶୋଇଥିବା ବେଳେ ରାତିରେ ଶବ୍ଦ ହେବାରୁ ପରିବାର ଲୋକେ ବାହାରକୁ ପଳାଇ ଆସିଥିଲେ। କିଛି ସମୟରେ ଭାଙ୍ଗି ଯାଇଥିଲେ। ସମସ୍ତେ ଏବେ ଅନ୍ୟ ଜଣକ ଘରେ ଆଶ୍ରୟ ନେଇଛନ୍ତି।



# ବାଳିକା ଶିକ୍ଷାର ଆବଶ୍ୟକତା, ସମସ୍ୟାର ସମୀକ୍ଷା

**ନୂଆପଡ଼ା, ୬।୩(ସମିସ) :** ବାଳିକା ଶିକ୍ଷାର ଆବଶ୍ୟକତା ଏବଂ ଏଥିପାଇଁ କ'ଣ ସବୁ ସମସ୍ୟା ରହିଛି ସେ ଉପରେ ଜିଲ୍ଲା ପ୍ରଶାସନ ସହ ପିରାମଲ ଫାଉଣ୍ଡେସନ ସମନ୍ୱିଧ ସମୀକ୍ଷା କରିଛି। ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀ ଏପରିକି ପରବର୍ତ୍ତୀ ପର୍ଯ୍ୟାୟରେ ପାଠ ଛାଡିବା ଆଶଙ୍କା ଥିବା ପିଲାଙ୍କୁ କିଭଳି ମୁଖ୍ୟ ସ୍ରୋତରେ ସାମିଲ କରଯାଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ପିଲାଙ୍କ ମନୋବଳକୁ କିପରି ସୁଦୃଢ କରାଯାଇପାରିବ ଏବଂ ପାଠ ପ୍ରତି ଆକର୍ଷିତ କରଯାଇପାରିବ ସେ ନେଇ ମଧ୍ୟ ବୈଠକରେ ଆଲୋଚନା କରଯାଇଥିଲା। ସମ୍ପ୍ରତି ଜିଲ୍ଲାରେ ପିରାମଲ ଫାଉଣ୍ଡେଶନ ଦ୍ୱାରା ଏକ ଶିକ୍ଷା ବୃତ୍ତି ସଂକ୍ରାନ୍ତରେ ଏକ ସର୍ଭେ ଅନୁଷ୍ଠିତ ହୋଇଥିଲା। ସେହି ଆଧାରରେ ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇ ଆଗକୁ ଜିଲ୍ଲା ଶିକ୍ଷା ବିଭାଗ ଏବଂ ଅନିସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ଏବଂ ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କିଭଳି ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱାରୋପ କରଯାଇଥିଲା। ବୈଠକରେ ପ୍ରାକ ମାଟ୍ରିକ ଶିକ୍ଷାବୃତ୍ତିରେ କିପରି ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ ଲାଭବାନ ହୋଇପାରିବେ ସେ ସମ୍ବନ୍ଧରେ ଜିଲ୍ଲାମଙ୍ଗଳ ଅଧିକାରୀ ଦୀପ୍ତିମାନ ଭୋଇ ଆଲୋଚନା କରିବା ସହ କିପରି ଅଧିକରୁ ଅଧିକ ପିଲା ଲାଭାନ୍ୱିତ ହୋଇପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲେ। ଏହିଭଳି ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୋଇ ଅଧାରୁ ପାଠ ଛାଡୁଥିବା ପିଲା, ପାଠ ଛାଡିବାକୁ ଥିବା ପିଲାଙ୍କୁ କିପରି ମୁଖ୍ୟଧାରାରେ ସାମିଲ କରାଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ।



## ଜିଲ୍ଲାସ୍ତରୀୟ ବାଳିକା ଖୋ ଖୋ କ୍ରୀଡ଼ା
# ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚାମ୍ପିଅନ



**ଭବାନୀପାଟଣା, ୬।୩(ସମିସ):** ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ଜିଲ୍ଲାସ୍ତରୀୟ ଖୋ ଖୋ ଆୟୋଜିତ ହୋଇଯାଇଛି। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ବ୍ରଜବିହାର) ଚାମ୍ପିଅନ ହୋଇଥିବାବେଳେ ଏବଂ ବିକାଶ ଆବାସିକ ବିଦ୍ୟାଳୟ ରନର୍ସ ଅପ୍ ହୋଇଛି। ତୃତୀୟ ଦଳ ଭାବେ ବିମଳା କନଭେଣ୍ଟ ସ୍କୁଲ କୃତିତ୍ୱ ହାସଲ କରିଥିଲା। ଭବାନୀପାଟଣା ଉପଜିଲ୍ଲାପାଳ ଡ. ବିଶ୍ୱଜିତ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଜିଲ୍ଲା କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି ଓ ଭବାନୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟ, ଭବାନୀପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ସରକାରୀ କଲେଜ), ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ବ୍ରଜବିହାର), ଶାସ୍ତ୍ରଜୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିମଳା କନଭେଣ୍ଟ ସ୍କୁଲ ଏବଂ ନେହେରୁ ସେବା ସଂଘ ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀ ଏହି ଖୋ ଖୋ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଲାଞ୍ଜିଗଡ଼ ବ୍ଲକ ସହ ୨ ପଞ୍ଚାୟତ ପୁରସ୍କୃତ

**ଲାଞ୍ଜିଗଡ଼, ୬।୩(ସମିସ):** ବିଭିନ୍ନ ସରକାରୀ ଯୋଜନାର ଭିଡିଓ ଡକୁମେଣ୍ଟେସନରେ ଲାଞ୍ଜିଗଡ଼ ବ୍ଲକ ଜିଲ୍ଲାସ୍ତରୀୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପଞ୍ଚାୟତିରାଜ ଲୋକସେବା ଦିବସ ଅବସରରେ କଳାହାଣ୍ଡି ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣାରେ ଜିଲ୍ଲାସ୍ତରୀୟ ସମାରୋହରେ ଏଥିପାଇଁ ଲାଞ୍ଜିଗଡ଼ ବ୍ଲକକୁ ପୁରସ୍କୃତ କରାଯାଇଛି। ସେହିଭଳି ଜଗନ୍ନାଥପୁର ପଞ୍ଚାୟତ ଜିଲ୍ଲାର ପ୍ରଥମ ପଞ୍ଚାୟତ ଭାବେ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପାଇଛି। ସେହିପରି ପଞ୍ଚାୟତସ୍ତରୀୟ ଯୋଜନାର ସଫଳ ରୂପାୟନ ପୁସ୍ତିକା ପାଇଁ ଦୁର୍ଗମ ତ୍ରିଲୋଚନପୁର ପଞ୍ଚାୟତ ପୁରସ୍କୃତ ହୋଇଛି। ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଧୀରା ମେହେର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ଅତିରିକ୍ତ ନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଅଧକ୍ଷା କମଳା ପାତ୍ର, ବିଡିଓ ଶଶାଙ୍କ ପାତ୍ର ପୁରସ୍କାର, ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଜଗନ୍ନାଥପୁର ସରପଞ୍ଚ ମୁଗାନା ମାଝୀ, ନିର୍ବାହୀ ଅଧିକାରୀ ତାପସ ସାହୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ। ସେହିପରି ତ୍ରିଲୋଚନପୁର ପଞ୍ଚାୟତ ତରଫରୁ ନାଏବ ସରପଞ୍ଚ ତରଣୀସେନ ବାଗ ମାନପତ୍ର ଗ୍ରହଣ କରିଥିଲେ। ବ୍ଲକ କାର୍ଯ୍ୟାଳୟ ସାମ୍ନାରେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝୀ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।



# ଉପାନ୍ତ ଅଞ୍ଚଳରେ ଜିଲ୍ଲାପାଳ

**ଶଗଡ଼ା, ୬।୩ (ସମିସ):** ବୌଦ୍ଧ ଜିଲ୍ଲାପାଳ ଜେ ସୋନାଲ ବୁଧବାର ଅଚାନକ ବୌଦ୍ଧ ବ୍ଲକ ଆଦିବାସୀ ଅଧୁଷିତ ଉପାନ୍ତ ଅଞ୍ଚଳ ଗୁଡୁଲିଆ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରିଛନ୍ତି। ବିଭିନ୍ନ ସମସ୍ୟା ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ଗୁଡୁଲିଆ ହାଇସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ତିଲପଙ୍ଗା, ଡିମିରି ଖୋଲ, କିରମା ଖୋଲ ଆଦି ବିଦ୍ୟାଳୟରେ ପାଠପଢ଼ା, ମଧ୍ୟାହ୍ନ ଭୋଜନ, ପରିବେଶ ଉପରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଲୋକେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# ଏନଏସି ଦାବିରେ ୧୧ରେ କୋମନା ବନ୍ଦ

**କୋମନା, ୬।୩(ସମିସ):** ବିଭିନ୍ନ ସହରକୁ ନିକଟରେ ବିଜ୍ଞାପିତ ପରିଷଦ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏଥିରେ ନୂଆପଡ଼ା ଜିଲ୍ଲାର କୋମନା ସହରକୁ ବାଦ୍ ଦିଆଯାଇଛି। ଏଥିପାଇଁ କୋମନାବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନଏସି ଘୋଷଣା ନ ହେଲେ ମାର୍ଚ୍ଚ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ। ଏହାସହ କୋମନା ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି।



# ଟିମନପୁର ସେବାଶ୍ରମର ବାର୍ଷିକ ଉତ୍ସବ

**ସିନାପାଲି, ୬।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଟିମନପୁରରେ ଥିବା ଅନୁସୂଚିତ ଜାତି ଓ ଜନଜାତି ସେବାଶ୍ରମର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିଜୟ ସହିସ, ମୋତିଲାଲ ବାଗ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ନିଆଲ, ଆକବର ମାଝି, ଝରାମଣି ପାନ, ବସନ୍ତ ବାଗଚି ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ କରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷକ ରଜନୀ କାନ୍ତ ଯୋଷୀ ଓ କୁଳି ଗାଁ ସେବାଶ୍ରମର ସହକାରୀ ଶିକ୍ଷକ ହିମାଂଶୁ ମେହେର ବିଭିନ୍ନ ଦାୟତ୍ୱ ତୁଲାଇଥିଲେ।



## ଲାଞ୍ଜିଗଡ଼ ବ୍ଲକର ସପ୍ତମ ପଞ୍ଚାୟତ ସମିତି ବୈଠକ
# ଅଧିକାରୀ ଅନୁପସ୍ଥିତ; ତାତିଲେ ଜନ ପ୍ରତିନିଧି

**ଲାଞ୍ଜିଗଡ଼, ୬।୩(ସମିସ)**

ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷ ସଭାଗୃହରେ ବୁଧବାର ବ୍ଲକସ୍ତରୀୟ ସପ୍ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ସରପଞ୍ଚ ଓ ସମିତି ସଭ୍ୟ ଓ ଉପସ୍ଥାପନ କରିଥିଲେ। ତେବେ ବିଦ୍ୟୁତ୍ ବିଭାଗ, କୁଟିଆ କନ୍ଧ ଉନ୍ନୟନ ବିଭାଗ, ଗ୍ରାମ ଉନ୍ନୟନ ଏବଂ ପୂର୍ତ୍ତ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବା ଯୋଗୁ ଜନ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ।

ବ୍ଲକ ଅଧକ୍ଷା କମଳା ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବିଡିଓ ଶଶାଙ୍କ ପାତ୍ର, ବ୍ଲକ ଉପାଧକ୍ଷ ସଞ୍ଜୀବ ନାୟକ, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସାଂସଦ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷ ରାୟ, ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିଲେ। ଜିପିଇଓ ପ୍ରଦୀପ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ।



ବୈଠକରେ ଆବାସ ଯୋଜନା ଘର, ପାନୀୟ ଜଳ ସଙ୍କଟ, ବିଦ୍ୟୁତ୍ ବିଭ୍ରାଟ ଆଦି ମୁଖ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଲାଞ୍ଜିଗଡ଼ ବ୍ଲକ ବିପିଏମ ମାନସ ରଞ୍ଜନ ସ୍ୱାଇଁ, ଦିବାକର ପ୍ରଧାନ, ବନ ବିଭାଗର ଏସିଏଫ ନରୋତ୍ତମ ମାଝୀ, କୃଷି ବିଭାଗ ବିଏଓ ପ୍ରବୀଣ ସାହୁ, ଶିକ୍ଷା ବିଭାଗର ଏବିଇଓ ଦ୍ରୋଣ ରଣା, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂ, ପାନୀୟ ଜଳ ବିଭାଗ ମୋହନ ଚରଣ ଶିଆଳ, ଏପିଓ ସଙ୍ଗୀତ ପରିଡ଼ା, ମିଶନ ଶକ୍ତି ବିଭାଗ ସଞ୍ଜୀବ କହଁରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ୨୬ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ।

# ନାଟ୍ୟଶ୍ରୀ ଗଦାଧର ବାରିକ ସମ୍ବର୍ଦ୍ଧିତ

**ସୋନପୁର, ୬।୩(ସମିସ):** ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଗଦାଧର ବାରିକ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ହେବା ପରେ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ଗଦାଧରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ବୁଧବାର ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ଦ୍ୱାରା ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହରେ ଓଡ଼ିଶା ନାଟ୍ୟ ସଂଘର ସୁବର୍ଣ୍ଣପୁର ଜିଲ୍ଲା ପ୍ରତିନିଧି ଅଭିନେତା ତଥା ନିର୍ଦ୍ଦେଶକ ଡ. ପୁରୁଷୋତ୍ତମ ମିଶ୍ର, ବିଶିଷ୍ଟ ସଙ୍ଗୀତଜ୍ଞ ଶାଶ୍ୱତ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଅଦ୍ୱୈତ ପ୍ରସାଦ ପଣ୍ଡା, କଳାକାର ଭାଗୀରଥି ମିଶ୍ର, ବ୍ୟବସାୟୀ ଦେବ ତ୍ରିପାଠୀ, ସାମ୍ବାଦିକ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



# ବିପ୍ଳବ ଆଣିବ 'ବିଏସ୍‌କେୱାଇ ନବୀନ କାର୍ଡ'










କୋକସରା, ୬ ।୩(ସମିସ)

ରାଜ୍ୟରେ ଅର୍ଥ ଅଭାବରୁ କେହି ବି ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଛନ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇଥିବା ଗାଁ ଗହଳିର ଲୋକଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିଏସକେୱାଇ ନବୀନ କାର୍ଡର ଶୁଭାରମ୍ଭ କରିଥିଲେ। ଆଜିଠାରୁ ଏହି କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ଏହିକ୍ରମରେ କୋକସରା ବ୍ଲକ କାର୍ଯ୍ୟାଳୟଠାରେ ମଧ ଏହି କାର୍ଡ଼ ବିତରଣ କରାଯାଇଛି। ଏଥିରେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହା ହେଉଛି ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି କାର୍ଡ ଦ୍ୱାରା ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଅଛି। ପରିବାରର ଅନ୍ୟ ସଦସ୍ୟ ଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଏସକେୱାଇ ନବୀନ କାର୍ଡ଼ ବିପ୍ଳବ ଆଣିବ ବୋଲି ସେ ମତବ୍ୟକ୍ତ କରିଥିଲେ। କାଶୀବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ଯୋଗାଣ ନିରୀକ୍ଷକ ଜଗାରାମ ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକର ୨୨ଟି ପଞ୍ଚାୟତର ୪୫୪ଜଣ ହିତାଧିକାରୀଙ୍କୁ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କରାଯାଇଥିଲା। କାଶୀବାହାଲ 'ଘୁମୁରା' ଦଳ ବିଏସକେୱାଇ କାର୍ଡ଼ ବିଷୟରେ ଉପସ୍ଥିତ ଜନ ସାଧାରଣଙ୍କୁ ଗୀତ ମାଧ୍ୟମରେ ସଚେତନ ରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

**କେସିଙ୍ଗା:** ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟର କୋଟି କୋଟି ଗରିବ ଜନସାଧାରଣଙ୍କ ପାଇଁ ବରଦାନ ପାଲଟିଛି। ଏହିକ୍ରମରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ସମୁଦାୟ ୨୬ଟି ପଞ୍ଚାୟତର ୧୧୪୦ ଜଣ ହିତାଧିକାରୀ ବିଏସକେୱାଇ ନବୀନ କାର୍ଡ ଯୋଜନାରେ ସାମିଲ ହୋଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଜଗନ୍ନାଥ ମନ୍ଦିର ପଡ଼ିଆ ପରିସରରେ ଏକ କାର୍ଯ୍ୟକ୍ରମରେ ଏହି ନୂତନ ହିତାଧିକାରୀଙ୍କୁ ନବୀନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଥିବା ବେଳେ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ଅତିରିକ୍ତ ବିଡିଓ ସିଦ୍ଧେଶ୍ୱର ମେହେର, ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।

**ମ.ରାମପୁର:** ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୯ଟି ରୋଗର ଚିକିତ୍ସା ପାଇଁ ବିଏସକେୱାଇ ନବୀନ କାର୍ଡ ବିତରଣ ଆରମ୍ଭ ହୋଇଛି। କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ପରିସରରେ ବିଡିଓ ସବ୍ୟସାଚୀ ବେହେରାଙ୍କ ଅଧ୍ୟକ୍ଷତାରେ ବିଏସକେୱାଇ ନବୀନ କାର୍ଡ ବିତରଣ କରାଯାଇଛି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ଯୋଗାଣ ଅଧିକାରୀ ଶାନ୍ତାକାର ପ୍ରଧାନ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୁଳମଣି ସିଂ ରାୟ ଯୋଗ ଦେଇଥିଲେ। ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ମ. ରାମପୁର ସରପଞ୍ଚ ବୀଣାପାଣି ସାହୁ, ସାଲେପାଲି ସରପଞ୍ଚ ରଚନା ନାଏକ, ମଦନପୁର ସରପଞ୍ଚ କେତକୀ ଦଣ୍ଡିଆ, ଢୁଢୁକା ରଞ୍ଜା ସରପଞ୍ଚ ସୂର୍ଯ୍ୟମଣି ପାତ୍ର, ଅଲାତରା ସରପଞ୍ଚ ସସ୍ମିତା ନାଗ, ବାରବନ୍ଧା ସରପଞ୍ଚ ବୃନ୍ଦାବତୀ ପାଠକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା




**କୋକସରା, ୬ ।୩(ସମିସ):** ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କୋକସରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ମହିଳା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଅଙ୍ଗନବାଡ଼ି କର୍ମୀମାନେ ସାମିଲ ହୋଇଥିଲେ। ସମସ୍ତେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ବାହାରି କୋକସରା ଥାନା ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ବାଲ୍ୟବିବାହ ରୋକିବା, ଭ୍ରୂଣ ହତ୍ୟା, କୁସଂସ୍କାର, ନାରୀ ସଶକ୍ତିକରଣ, ଶିଶୁ ନିର୍ଯାତନା ଆଦି ବିଷୟରେ ସ୍ଲୋଗାନ ଦେଇ ରାସ୍ତାରେ ଲୋକଙ୍କୁ ସଚେତନ ସୃଷ୍ଟି କରିଥିଲେ। ଏହାପରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ରାଲିରେ ଅଙ୍ଗନବାଡ଼ି କର୍ମୀ ଆରତୀ ଧଙ୍ଗଡାମାଝୀ, ପଦ୍ମନୀ ଧରୁଆ, ରଶ୍ମିତା ନାଏକ, ନମିତା ସାହୁ, ଭୂମିସୂତା ମାଝୀ, ତନୁଜା ପାଣିଗ୍ରାହୀ, ମନିଷା ବାଗ, ଅଭିନା ପଟ୍ଟନାୟକ, ମାଳତି ପଟ୍ଟନାୟକ, ଜ୍ୟୋତିର୍ମୟୀ ରଣା ସମେତ ବିଭିନ୍ନ କେନ୍ଦ୍ରରୁ ଅଙ୍ଗନବାଡ଼ି କର୍ମୀମାନେ ସାମିଲ ହୋଇଥିଲେ।

## 'ନୂଆ-ଓ' ଛାତ୍ରବୃତ୍ତି ସାର୍ଟିଫିକେଟ୍ ବଣ୍ଟନ



**ନୂଆପଡ଼ା/ଖଡ଼ିଆଳ, ୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ମଡେଲ ଡିଗ୍ରୀ କଲେଜରେ ୧୦୨୪ଜଣଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କରାଯାଇଛି। କଲେଜ ଅଧ୍ୟକ୍ଷ ଅକ୍ଷୟ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଲମ୍ବୋଦର ନିଆଲ ମୁଖ୍ୟ ଅତିଥି ଭାବେ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ମେଜର ଡ. ରାମଚନ୍ଦ୍ର ମିଶ୍ର, ଅବିନାଶ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ



**ସିନାପାଲି, ୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଅଧୀନ ସିନାପାଲି ଧାନମଣ୍ଡି ପଡ଼ିଆରେ ବିଜୁ ଜନତା ଦଳ ପକ୍ଷରୁ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ଭାବେ ଲମ୍ବୋଦର ନିଆଲ, ମହେନ୍ଦ୍ର ସୁନାନୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଅମିତ ସିଂ ଦେଓ, ବିରେନ୍ଦ୍ର ଖମାରୀ, ଦୈତାରି ମେହେର, ଗରୁଡଧ୍ୱଜ ବେହେରା, ଇନାୟତ ଖାନ, ମାଲ୍ୟାବନ୍ତ ସୁନା, ଯୋଗେନ୍ଦ୍ର ପାଣ୍ଡେ, ଲକି ତାଣ୍ଡି, ରେହେମାନ ଖାଁ, ବିରଞ୍ଚି ଜଗତ, ଉଦିତ ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ।

## ଗଣ୍ଡାବାହାଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗଣ୍ଡାବାହାଲି, ୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଆଶ୍ରମରେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱରା ପରିଚାଳିତ ଗଣ୍ଡାବାହାଲି ଆବାସିକ ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁନୀଲ ସାମଲ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝୀ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ ପାତ୍ର, ବୈକୁଣ୍ଠ ତାଣ୍ଡି, ଚଟିଆଗୁଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ନାଏକ, ସିଆରସିସି ସୁଦର୍ଶନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷକ ସୁରେଶ ମେହେର କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ନରେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପ୍ରଧାନଶିକ୍ଷକଙ୍କୁ ଗ୍ରାମବାସୀଙ୍କ ସମ୍ବର୍ଦ୍ଧନା

**ସିନାପାଲି, ୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗୋଡାଳ ଉଚ୍ଚ ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକ କିଶୋରଚନ୍ଦ୍ର ଯୋଷୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଞ୍ଚାୟତର ଜନସାଧାରଣ, ଅଭିଭାବକ ଓ ଛାତ୍ରଛାତ୍ରୀ ଗ୍ରାମ ପରିକ୍ରମା କରି ପ୍ରଧାନ ଶିକ୍ଷକ ତଥାଙ୍କୁ ବନ୍ଦାପନା ସହ ସ୍ୱାଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରିଥିଲା।

## ଏମ୍ ଚନ୍ଦ୍ରଶେଖରଙ୍କୁ ବିଜେଡି ମିଡିଆ ସେଲ୍ ଦାୟିତ୍ୱ



**ଲାଞ୍ଜିଗଡ଼,୬ ।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ବିଜେଡି ପକ୍ଷରୁ ଯୁବ ସାମ୍ବାଦିକ ଏମ୍. ଚନ୍ଦ୍ରଶେଖରଙ୍କୁ ବ୍ଲକ ବିଜେଡି ମିଡିଆ ସେଲ୍‌ର ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଅନୁମୋଦନ କ୍ରମେ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆ ତାଙ୍କ ନାମ ଘୋଷଣା କରିଛନ୍ତି।

## ବହୁମୁଖୀ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ

**କେସିଙ୍ଗା,୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ଏକ ବହୁମୁଖୀ କକ୍ଷର ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି,



ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, ବିଡିଓ ପଦ୍ମନାଭ ପୁରୋହିତ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବରଗାଁ ପଞ୍ଚାୟତ ପୁରସ୍କୃତ



**ସିନାପାଲି, ୬ ।୩(ସମିସ):** ସିନାପାଲି ବ୍ଲକ ବରଗାଁ ପଞ୍ଚାୟତକୁ ଜିଲ୍ଲାର ଶ୍ରେଷ୍ଠ ପଞ୍ଚାୟତ ଭାବେ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଅବସରରେ ନୂଆପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗାଁ ପଞ୍ଚାୟତକୁ ୨୦୨୨/୨୩ ବର୍ଷ ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲ୍ଲାର ଶ୍ରେଷ୍ଠ ପଞ୍ଚାୟତ ଭାବେ ୧ଲକ୍ଷ ୨୫ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ଯୋଗଦେଇ ପୁରସ୍କାର ପ୍ରଦାନ କରିଥଲେ। ବରଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ବେହେରା ଓ ବରଗାଁ ସରପଞ୍ଚ ଯାଜ୍ଞସେନୀ ମାଝି ପୁରସ୍କାର ଗ୍ରହଣ କରିଥିଲେ।

## ଭିନ୍ନକ୍ଷମ ସହାୟତା ଶିବିର

**ଭବାନୀପାଟଣା, ୬ ।୩(ସମିସ):** ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନିୟମ ଲିମିଟେଡ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ କ୍ୟାନସର ଚିହ୍ନଟ ଓ ନିରାକରଣ ସଚେତନତା ଏବଂ ଭିନ୍ନକ୍ଷମ ସହାୟତା ଲାଗି ଏକ ସପ୍ତାହ ବ୍ୟାପି ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଛି। ବେଦାନ୍ତ ଲିମିଟେଡର ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ କମ୍ପାନୀର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ମତ ଦେଇଥିଲେ। ସ୍ଥାନୀୟ ବସନ୍ତପଡ଼ା ପଞ୍ଚାୟତର ସରପଞ୍ଚ ଚାଞ୍ଚେର ମାଝୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




## ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ



**ମ.ରାମପୁର, ୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା କୁଶୁରଲା ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିର୍ମାଣ ଲାଗି ନର୍ଲା ବିଧାୟକ ଭୂପିନ୍ଦର ସିଂହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୁବୋଧ ଶତପଥୀ, ରିଷିଡା ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଣୟ ଆନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶନ




**କେସିଙ୍ଗା, ୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାସ୍ଥିତ ବିଦ୍ୟାପୀଠ ସଭା ଗୃହରେ ବ୍ଲକସ୍ତରୀୟ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ସ୍ୱତନ୍ତ୍ର ଅତିଥି ଭାବେ ଅଧ୍ୟକ୍ଷ ନୃପରାଜ ଯାଦବ, ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଯାନୀ, ସମ୍ମାନିତ ଅତିଥି ଭାବେ ମଧୁସ୍ମିତା ନାଏକ, ପଙ୍କଜିନି ମାଝୀ ଯୋଗ ଦେଇଥିଲେ। ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଡିଇଓ ସୁଶାନ୍ତ ଚପଦାର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗ ଦେଇଥିଲେ।

## ଗୋଡ଼ାଳ ହାଇସ୍କୁଲ ଛାତ୍ରାବାସରେ ବିଦାୟ ସମ୍ବର୍ଦ୍ଧନା



**ସିନାପାଲି, ୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗୋଡାଳ ଛାତ୍ରାବାସର ଦଶମ ଶ୍ରେଣୀ ଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ କିଶୋରଚନ୍ଦ୍ର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସିନାପାଲି ମଙ୍ଗଳ ଅଧିକାରୀ ସୁନୀଲ ସାମଲ ଯୋଗ ଦେଇଥିଲେ।

## ଶିକ୍ଷା ଚେତନା ଅଭିଯାନ



**ବେହେରା, ୬ ।୩(ସମିସ):** ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ ଆନୁକୂଲ୍ୟରେ ଧର୍ମଗଡ଼ ବ୍ଲକ ବଗାଡସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୧୧ତମ ଶିକ୍ଷା ଚେତନା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱଜିତ ବେହେରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଉପ ଜିଲ୍ଲାପାଳ ଅଜିତ ଶବର, ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗଙ୍ଗାଧର ମାଝୀ, ଶିକ୍ଷକ ସୀମାଞ୍ଚଳ ନାଗ, ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା, ହୃଷିକେଶ ମିଶ୍ର, ଅଧ୍ୟାପକ ବଙ୍କିମଚନ୍ଦ୍ର ମୁଣ୍ଡ, ସଂଜୀବ ଠାକୁର, ଶିକ୍ଷକ ପ୍ରତିଶ୍ୱର ମୁଣ୍ଡ, ଶିକ୍ଷୟିତ୍ରୀ ବୀଣାପାଣି ପ୍ରଧାନୀ, ଯୁବ କବି ରଜତ ବଂଶଲ ପ୍ରମୁଖ ଯୋଗ ଦେଇଥିଲେ। ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଦୀପ୍ତିମୟୀ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ବଟକୃଷ୍ଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିତେନ୍ଦ୍ର ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି ନଗର ସଭାପତିଙ୍କ ବଡ଼ ଭାଇଙ୍କ ଦେହାନ୍ତ

**କେସିଙ୍ଗା, ୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଟାଉନ ସଭାପତି ରମେଶ ପଟ୍ଟନାୟକଙ୍କ ବଡ଼ଭାଇ ଉମେଶଚନ୍ଦ୍ର ପଟ୍ଟନାୟକଙ୍କ ୬୦ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଶ୍ରୀ ପଟ୍ଟନାୟକ ଜଣେ ମିଷ୍ଟଭାଷୀ ସହିତ ମେଳାପି ଥିଲେ। ପୁଅ ବଳରାମ ପଟ୍ଟନାୟକ, ଛୋଟ ଭାଇ ରମେଶ ପଟ୍ଟନାୟକ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ସହରର ବଲାଙ୍ଗୀର ଛକ ଶ୍ମଶାନରେ ତାଙ୍କ ଦାହ କରାଯାଇଥିଲା। ପୁଅ ବଳରାମ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।



## 'ମାତୃଶକ୍ତି ଆଗରେ ସବୁ ଶକ୍ତି ହାର୍ ମାନେ'

ନୂଆପଡ଼ା, ୬।୩(ସମିସ)



ମାତୃଶକ୍ତି ଆଗରେ ସବୁ ଶକ୍ତି ହାର ମାନିଥାଏ। ମାଁମାନଙ୍କର ବିକାଶର ସ୍ୱପ୍ନ ଦେଖିଥିଲେ ବିଜୁ ପଟ୍ଟନାୟକ। ତାଙ୍କ ଅନ୍ତେ ଏବର ମୁଖ୍ୟମନ୍ତ୍ରୀ ତଥା ବିଜୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ମା'କୁ ସମ୍ମାନ ଏବଂ ମାଟିକୁ କାମ ଯୋଗାଇବାର ସଂକଳ୍ପ ନେଇଛନ୍ତି। ବୋଲି ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏହା କହିଛନ୍ତି। ବିଜୁ ବାବୁଙ୍କ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଢୋଲକିଆ ଏହା କହିଥିଲେ। ସ୍ଥାନୀୟ ବସଷ୍ଟାଣ୍ଡ ନିକଟରୁ ମହିଳାମାନଙ୍କୁ ନେଇ ଏକ ଶୋଭାଯାତ୍ରା ନୂଆପଡ଼ା ସହର ପରିକ୍ରମା କରିଥିଲା। ଶେଷରେ ସ୍ଥାନୀୟ ଏକ ମଣ୍ଡପରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ରହିଥିଲେ। ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା ସଭାପତି ଭଗତ ରାମ ମାଝୀ, ରାଜ୍ୟ ବିଜେଡି ସଂପାଦକ ରାଜେଶ ନିଗମ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା ଦୀପ, ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ମୁରଲୀଧର ଭୋଇ, ଉମା ଠାକୁର, କାର୍ତ୍ତିକ ଦୀପ, କାଳିଆ ପ୍ରଧାନ, କ୍ଷମା ନିଆଲ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଯାଜ୍ଞସେନୀ ମହାପାତ୍ର, ମହେନ୍ଦ୍ର ନିଆଲ, ପ୍ରତିଭା ହୋତାଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ସିତୁ ବୋଧନକର, ଅନୀରାମ ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କାଞ୍ଚନବେନ ଚାରିଟେବଲ ଟ୍ରଷ୍ଟ ତରଫରୁ ସମସ୍ତ ମହିଳାଙ୍କୁ ଶାଢୀ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷେ ଖରିଆରରୋଡ୍ ରାମ ମନ୍ଦିରଠାରୁ ମଧ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲେ। ଗଣପତି ହୋଟେଲରେ ଏକ ବିଶାଳ ମହିଳା ସଭା ଆୟୋଜିତ ହୋଇଥିଲା। ଏଥିରେ ମନ୍ତ୍ରୀଙ୍କ ସହ ଏନଏସି ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଧନୀରାମ ସାହୁ, ରମେଶ ଅଗ୍ରୱାଲ, ଶ୍ୟାମ କେଶରବାନୀ, ସେଫାଳି ସଲମା, ସରସ୍ୱତୀ ବାଗ, ଶେଖର ଜୈନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସହରର ୫୦ରୁ ଅଧିକ ଯୁବକ ବିଜେଡିରେ ସାମିଲ ହୋଇଥିଲେ। ଏଥିରେ ମଧ ୨ ହଜାର ମହିଳାଙ୍କୁ ଶାଢୀ ବଣ୍ଟନ କରାଯାଇଥିଲା।

■ ଏକତା ମହୋତ୍ସବର ତୃତୀୟ ସନ୍ଧ୍ୟା

## ଦର୍ଶକଙ୍କୁ ବାନ୍ଧି ରଖୁଛି 'ଜଳନ୍ଧର ଦରବାର'

**ବୀରମହାରାଜପୁର, ୬।୩(ସମିସ):** କେନଝିରିଆପାଲି ପଞ୍ଚାୟତ କଦଳୀପାଲି ଛକରେ ଚାଲିଥିବା ଏକତା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବିଶିଷ୍ଟ ବ୍ୟବସାୟୀ ପ୍ରେମାନନ୍ଦ ଜଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାଦଲ ହୋତା ଓ ଇରାଦତ ଖାନ ମଞ୍ଚ ପରିଚାଳନା କରିଥିବା ବେଳେ ଚୈତନ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତ୍ୟହ ମୁକ୍ତାକାଶ ରଙ୍ଗ ମଞ୍ଚରେ ପରିବେଷଣ ହେଉଥିବା ଜଳନ୍ଧର ଦରବାରରେ ଲୀଳା ନାଟକ ପରିବେଷଣ ହୋଇଥିଲା। ନାରଦଙ୍କ ପରାମର୍ଶ କ୍ରମେ ପାତାଳପୁରୀ ଆକ୍ରମଣ କରି ଦୈତ୍ୟରାଜ କାଳନେମିଙ୍କୁ ଯୁଦ୍ଧରେ ପରାସ୍ତ ପୂର୍ବକ ତାଙ୍କର ଅଳିଅଳି କନ୍ୟା ସତୀ ବୃନ୍ଦାବତୀଙ୍କୁ ବିବାହ ଆଦି ପରିବେଷଣ ହୋଇଥିଲା। ବରଗଡ଼ର ବଟକୃଷ୍ଣ ସାହୁ ଜଳନ୍ଧର ଭୂମିକାରେ ଅଭିନୟ କରୁଛନ୍ତି। ଏହା ସହିତ ଶୁକ୍ରାଚାର୍ଯ୍ୟ ଭୂମିକାରେ ସୁଶୀଲ ନାଏକ, ଶମ୍ଭୁଦୈତ୍ୟ ଭୂମିକାରେ ବିପ୍ଳବ ପ୍ରଧାନ, ଭସ୍ମାର ଦୈତ୍ୟ ଭାବେ ପିଣ୍ଟୁ ସାହୁ, ବଜ୍ରାଙ୍ଗ ଦୈତ୍ୟ ଭାବେ ଗୋଲ ବଦନ ସେଠ, କାଳନେମି ଭାବେ ବିଜୟ ପଣ୍ଡା, ଦେବର୍ଷି ଭୂମିକାରେ ନାରଦ ଲିଙ୍ଗରାଜ ଦାସ, ମନ୍ତ୍ରୀ ଭାବେ ଶିବ ଦାସ, ସେନାପତି ଭାବେ ବିମଳ ମହାପାତ୍ର ଏବଂ ବୃନ୍ଦାବତୀ ଭୂମିକାରେ ମୁନୁ ମେହେର ପ୍ରମୁଖ ଅଭିନୟ କରୁଛନ୍ତି। ସେମାନଙ୍କ ବଳିଷ୍ଠ ଅଭିନୟ ସାଙ୍ଗକୁ ସ୍ଥାନୀୟ କଳାକାର ଙ୍କ ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସାଂସ୍କୃତିକ ମଞ୍ଚରେ ଲୋକପ୍ରିୟ ସମ୍ବଲପୁରୀ ଗାୟକ ଅଙ୍କିତ ରାଜ ଓ ସାଥୀଙ୍କ ସମ୍ବଲପୁରୀ ଗୀତ ଓ ପାରମ୍ପରିକ ନୃତ୍ୟ ପରିବେଷଣ ଲୋକଙ୍କୁ ଭରପୂର ମନରଞ୍ଜନ ଯୋଗାଇଥିଲା।

# ବ୍ୟାନରରେ ସୀମିତ ବୁଣାକାର ଦକ୍ଷତା ତାଲିମ

**ଶଗଡ଼ା, ୬।୩(ସମିସ)**

ସରକାର ବୁଣାକାରମାନଙ୍କ ଦକ୍ଷତା ବୃଦ୍ଧି ସହ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ବୁଣାକାର ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ବେଳେ ସରକାର ଙ୍କ ଯୋଜନାର ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ। ଏଭଳି ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତରେ।

ପଞ୍ଚାୟତର ଦୁଇଟି ଗ୍ରାମରେ ଗୋଟିଏ ମାସରେ ପର୍ଯ୍ୟାୟକ୍ରମେ କପାସିରା ଓ ଭୂର୍କିପଡ଼ାରେ ୨ଟି ବୁଣାକାର ଦକ୍ଷତା ତାଲିମ କେନ୍ଦ୍ର ଆରମ୍ଭ କରାଯାଇଛି। ଏହା ୬ମାସ ପର୍ଯ୍ୟନ୍ତ ଚାଲିବ ବୋଲି ଉଲ୍ଲେଖ ରହିଛି। ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରତ୍ୟେକ ତାଲିମ କେନ୍ଦ୍ରରେ ୨୦ଜଣ ବୁଣାକାରଙ୍କୁ ତାଲିମ ଦେବା ପାଇଁ ଜଣେ ଜଣେ ତାଲିମଦାତାଙ୍କୁ ନିଯୁକ୍ତି କରାଯାଇଛି। ପ୍ରତ୍ୟେକ ବୁଣାକାରଙ୍କୁ ମାସକୁ ୬ହଜାର ଲେଖାଏଁ ତାଲିମ ଅବଧି ୬ମାସ ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ଉଦ୍‌ଘାଟନ କାର୍ଯ୍ୟକ୍ରମରେ କୁହାଯାଇଥିଲା; ହେଲେ ବିଡମ୍ବନାର କଥା ଯେ ଉଭୟ ତାଲିମ କେନ୍ଦ୍ରଗୁଡିକରେ ଆବଶ୍ୟକ ଉପଯୋଗୀ ଭିତ୍ତିଭୂମି ନାହିଁ। ଏପରିକି ୨୦ଜଣ ବୁଣାକାର ସ୍ଥିର କରାଯାଇ ନ ଥିବା ବେଳେ ଏପରିକି ତାଲିମଦାତା ଶିକ୍ଷକ ମଧ୍ୟ ନାହାନ୍ତି। ଜଣେ ବ୍ୟକ୍ତିଙ୍କ ଘରେ ପୋଷ୍ଟର ମାରି ଚାଲିଛି ବୁଣାକାର ଦକ୍ଷତା ତାଲିମ କେନ୍ଦ୍ର। କପାସୀରାଠାରେ ଘର ଭଡ଼ା ଦେଇଥିବା ବୁଣାକାରଙ୍କୁ ପଚାରିବାରୁ ପିଲାମାନେ ଆସୁ ନାହାନ୍ତି। ଘର କାମ ସମ୍ପୂର୍ଣ୍ଣ ହେଲେ ତାଲିମ ଆରମ୍ଭ କରାଯିବ ବୋଲି କହିଥିଲେ। ଗତ ୧୨ତାରିଖରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ତାଲିମ ପାଇଁ କୌଣସି ପ୍ରସ୍ତୁତି ହୋଇ ନ ଥିବା ବେଳେ ଅଧିକାରୀ କିଭଳି ଜାଣିଶୁଣି ଏହାକୁ ତରବରିଆ ଭାବରେ ଉଦ୍‌ଘାଟନ କରି ଆରମ୍ଭ କରିଦେଲେ ତାହା ପ୍ରଶ୍ନ ସୃଷ୍ଟି କରୁଛି।




ସେହିପରି ଭୂର୍କିପଡ଼ାରେ ଗତ ମାସ ୨୫ତାରିଖରେ ଆରମ୍ଭ ହୋଇଥିବା ବେଳେ ଏଠି ମଧ୍ୟ ଆବଶ୍ୟକ ଭିତ୍ତିଭୂମି ନାହିଁ। ଶିକ୍ଷକ କି ବୁଣାକାର କେହି ନାହାନ୍ତି। ଏଠି ମଧ୍ୟ ଭଡ଼ାରେ ଦେଇଥିବା ଜଣେ ବ୍ୟକ୍ତିଙ୍କୁ ପଚାରିବାରୁ ଛାତ ଖୋଲି ସଫା କଲା ପରେ ତାଲିମ ଆରମ୍ଭ କରାଯିବ ବୋଲି କହିଥିଲେ। ଏଭଳି ତାଲିମ କାର୍ଯ୍ୟକ୍ରମ କରି ସରକାରୀ ଯୋଜନାର ଦୁରୁପଯୋଗ କରି ସରକାରୀ ଅର୍ଥ ଆତ୍ମସାତ କରାଯାଉଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ତେବେ ଘଟଣା ସମ୍ପର୍କରେ ବୌଦ୍ଧ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ବିନାୟକ ପୃଷ୍ଟିଙ୍କୁ ପଚାରିବାରୁ ଏହାର ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମାହେଶ୍ୱରୀ ଗୋଶାଳାକୁ ଜିଆଖାତ-ଗୋଧନ ଯୋଜନା କାର୍ଯ୍ୟାଦେଶ ପ୍ରଦାନ




**ବୌଦ୍ଧ, ୬।୩(ସମିସ):** ଭୁବନେଶ୍ୱର ରାଜ୍ୟ କୃଷିଭବନଠାରେ ଗୋ ସେବକମାନଙ୍କ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଆଖାତ-ଗୋଧନ ଯୋଜନାର କାର୍ଯ୍ୟାଦେଶ କୃଷିମନ୍ତ୍ରି ରଣେନ୍ଦ୍ରେ ପ୍ରତାପ ସ୍ୱାଇଁଙ୍କଠାରୁ ବୌଦ୍ଧ ମାହେଶ୍ୱରୀ ଗୋଶାଳା ଓ ଜରା ଆଶ୍ରମର ପ୍ରତିଷ୍ଠାତା ଉପଦେଷ୍ଟା ଶରତ ପ୍ରଧାନ, ସମ୍ପାଦକ କୃତ୍ତିବାସ ପଲିଆ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀଙ୍କୁ ମାହେଶ୍ୱରୀ ଗୋଶାଳା ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୋଶାଳା ଓ ଗୋଧନ କେନ୍ଦ୍ର ନିର୍ମାଣ ନିମନ୍ତେ ସରକାରୀସ୍ତରରେ ବିନା ସୁଧରେ ବ୍ୟାଙ୍କ ଋଣ ମଞ୍ଜୁର କରିବା ପାଇଁ ସମ୍ପାଦକ ଶ୍ରୀ ପଲିଆ ଉପସ୍ଥାପନା କରିଥିଲେ। ଏହାକୁ ଉଚ୍ଚସ୍ତରରେ ବିଚାର କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ମିଳୁଥିବା ବେଳେ ଗୋଶାଳା ଓ ଗୋ ସେବକମାନଙ୍କୁ ନିଶ୍ଚିତ ମଞ୍ଜୁର କରାଯିବ ବୋଲି କୃଷି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଭାସ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତିର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବୌଦ୍ଧ, ୬।୩(ସମିସ):** ବୁଧବାର ପୂର୍ବାହ୍ନରେ ବୌଦ୍ଧ ସହରସ୍ଥିତ ମାଳିସାହିଠାରେ ଥିବା ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବୌଦ୍ଧ-କନ୍ଧମାଳ ବିଭାଜନ ସମବାୟ ସମିତି ସମୂହର ଉପ ନିବନ୍ଧକ ଯୁଗଳ କିଶୋର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ସତ୍ୟଜିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ମିତାଶ୍ରୀ ସାହୁ, ବୌଦ୍ଧ ସର୍କଲ ସମବାୟ ସମିତିର ସହକାରୀ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡ, ଉପ ନିବନ୍ଧକଙ୍କ କାର୍ଯ୍ୟାଳୟର ସହକାରୀ ନିବନ୍ଧକ ଫକୀର ମୋହନ ବାଘ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମବାୟ ନିରୀକ୍ଷକ ଶିବ ପ୍ରସାଦ ଖମାରୀ, ଅରୁପାନନ୍ଦ ପଣ୍ଡା, ସ୍ୱର୍ଣ୍ଣଲତା ପ୍ରଧାନ, ସମିତିର ଉପ ସଭାନେତ୍ରୀ ପୁଷ୍ପିତା ପଟ୍ଟନାୟକ, ସମ୍ପାଦକ ସତ୍ୟଜିତ କର, ପରିଚାଳନା କମିଟି ସଦସ୍ୟ ନିରୋଦ ସେଠୀ, ଚିତ୍ତରଞ୍ଜନ ଦନାୟକ, ପଙ୍କଜିନୀ ପଟ୍ଟନାୟକ, ପଞ୍ଚାନନ ମେହେର, ମାରୁତୀ ନନ୍ଦନ ପାଢ଼ୀ, ଭଗବାନ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



# 'ଦେଶର ପ୍ରଗତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ସୋନପୁର, ୬।୩(ସମିସ):** ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲା ସାମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସମାରୋହରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଡିସିପିଓ ଚତୁର୍ଭୁଜ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାରୋହରେ ଜିଲ୍ଲାପାଳ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି ମହିଳାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜକୁ ସ୍ୱାବଲମ୍ବୀ କରି ପାରିଲେ ମହିଳା ସଶକ୍ତିକରଣ ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପୁନଶ୍ଚ ମହିଳାମାନେ ସମାଜରେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ପ୍ରତିବନ୍ଧକକୁ ସାକାରାତ୍ମକ ଭାବେ ଦୃଢ ଶକ୍ତି ଓ ସାମର୍ଥ୍ୟ ସହ ସାମ୍ନା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶର ପ୍ରଗତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ନିଜ ବକ୍ତବ୍ୟରେ ମହିଳା ସଶକ୍ତ ହେଲେ ସମାଜ ତଥା ଦେଶ ସଶକ୍ତ ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିବୃନ୍ଦ ଜିଲ୍ଲାର ଉତ୍ତମ ପୁଷ୍ଟି ପଞ୍ଚାୟତ, ଉତ୍ତମ ଅଙ୍ଗନୱାଡି କେନ୍ଦ୍ର, ଅଙ୍ଗନବାଡି କର୍ମୀ, ମହିଳା କ୍ଷେତ୍ର ପରିଦର୍ଶିକା, କିଶୋରୀ ବାଳିକା, ଶିଶୁବିକାଶ ପ୍ରକଳ୍ପ ଅଧିକାରୀ, ଉତ୍କଳ ବାଳାଶ୍ରମର ହସ୍ତ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହା ସହ ପ୍ରବନ୍ଧ ଓ ରଙ୍ଗୋଲି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ଅଧିକାରୀ ଅନିତା ଗୁରୁ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ବିଭିନ୍ନ ଅଧିକାରୀ, ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



**ବୌଦ୍ଧ:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର ମୁଖ୍ୟ ଅତିଥି ଏବଂ ଉପ-ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଡ. ବର୍ଷାରାଣୀ ପ୍ରିୟଦର୍ଶିନୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ସିଡିପିଓ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ମହିଳା ଅଧିକାରୀ, ସମସ୍ତ ଆଇସିଡିଏସ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୋଚନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ମହିଳା ମାନଙ୍କୁ ମହିଳା ଦିବସର ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଆଇସିଡିଏସରେ ଥିବା ନାରୀମାନଙ୍କ ପାଇଁ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ବୌଦ୍ଧ ସିଡିପିଓ ମିନତୀ ଦେଓ ନାରୀମାନଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା କୃଷକ ବଜାରଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପ୍ରୋଗ୍ରାମ ଅଫିସର ସୌଦାମିନୀ ପଣ୍ଡା ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍ଦେଶ୍ୟ ଓ ଚଳିତ ବର୍ଷର ଥିମ୍ ବିଷୟରେ ଆଲୋକପାତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ବର୍ଷା ପ୍ରିୟଦର୍ଶିନୀ, ସହକାରୀ ଜିଲ୍ଲାପାଳ ଚାନ୍ଦିନୀ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋରୀ ବାଳିକା ହରଭଙ୍ଗା ବ୍ଲକ ଭାଲିଆପଦରର ଦୀପ୍ତିମୟୀ ହୋତା, ବୌଦ୍ଧ ବ୍ଲକ ବଳାସିଙ୍ଗାର କିଶୋରୀ ବାଳିକା ଅର୍ଚ୍ଚନା ପୂଝାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ, ବାଉଁଶୁଣୀ ଆଇସିଡ଼ିଏସ୍ ସୁପରଭାଇଜର ସୁନିତାରାଣୀ ଦାସ, ମନମୁଣ୍ଡା ସୁପରଭାଇଜର ପଲ୍ଲବୀ ମେହେର, ବିଳାସପୁର ସୁପରଭାଇଜର ସଂଯୁକ୍ତା ସାହୁ, ସରଣ୍ଡା ଅଙ୍ଗନବାଡି କର୍ମୀ ସୁପ୍ରଭା ମିଶ୍ର, ପାଣିଘରା ଅଙ୍ଗନବାଡି କର୍ମୀ ବିଷ୍ଣୁପ୍ରିୟା ସ୍ୱାଇଁ ଏବଂ ପଦରପଡ଼ା ଅଙ୍ଗନବାଡି କର୍ମୀ ମାନସୀ ପ୍ରଧାନଙ୍କୁ ୪ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ଏବଂ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।



## ଘରୋଇ ବିଦ୍ୟାଳୟକୁ ଜମି ଲିଜ୍‌ର ପ୍ରତିବାଦ

**ବୌଦ୍ଧ, ୬।୩(ସମିସ):** ବୌଦ୍ଧ ତହସିଲ କମଳପୁର ଗ୍ରାମରେ ଗ୍ରାମବାସୀଙ୍କ ଅଗୋଚରରେ ସର୍ବସାଧାରଣ ଜମିକୁ ଏକ ଘରୋଇ ଇଂରାଜୀ ମିଡିୟମ ବିଦ୍ୟାଳୟକୁ ପ୍ରଶାସନ ଯେକି ଦେବା ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ମିଳିତ ହୋଇ ବୌଦ୍ଧ ତହସିଲ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ଲିଜ୍ ବାତିଲ ପାଇଁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ଗ୍ରହଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବୌଦ୍ଧ ତହସିଲଦାର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



## କାର୍ ଧକ୍କାରେ ଅପରିଚିତ ବ୍ୟକ୍ତି ଗୁରୁତର

**ମନମୁଣ୍ଡା/ଶଗଡ଼ା, ୬।୩(ସମିସ):** ମନମୁଣ୍ଡା ଥାନା ମହେଶ୍ୱରପିଣ୍ଡା ଛକ ନିକଟରେ ଏକ କାର ଧକ୍କାରେ ଜଣେ ଅପରିଚିତ ବ୍ୟକ୍ତି ଗୁରୁତର ହୋଇଛନ୍ତି। ୫୭ ନମ୍ବର ଜାତୀୟ ରାଜପଥର ମହେଶ୍ୱରପିଣ୍ଡା ନିକଟରେ ଜଣେ ବ୍ୟକ୍ତି ରାସ୍ତା ଅତିକ୍ରମ କରୁଥିବା ବେଳେ ବୌଦ୍ଧ ଦିଗରୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରିଥିଲେ। ଅମ୍ଭୂର୍ଡା ଗ୍ରାମର ରଙ୍ଗାଧର ଦଣ୍ଡିଆ ଘଟଣା ଦେଖି ପୁଲିସକୁ ଖବର ଦେଇଥିଲେ। ମନମୁଣ୍ଡା ପୁଲିସ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇଥଲା। ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରି ତଦନ୍ତ କରିବା ସହ ଗୁରୁତର ଆହତ ବ୍ୟକ୍ତିଙ୍କ ପରିଚୟ ଖୋଜିବାରେ ଲାଗିଛି। ଗୁରୁତର ଆହତ ବ୍ୟକ୍ତି ଜଣକ ଏବେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କେହି ଗୁରୁତର ଆହତ ବ୍ୟକ୍ତିଙ୍କ ପରିଚୟ ପାଇଲେ ତେବେ ମନମୁଣ୍ଡା ଥାନାକୁ ଜଣାଇବାକୁ ଆଇଆଇସି ଭାବାନନ୍ଦ ପ୍ରଧାନ ଅନୁରୋଧ କରିଛନ୍ତି।



## ଫେରାର ଗଞ୍ଜେଇ ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ କୋର୍ଟ ନୋଟିସ୍



**ବୌଦ୍ଧ, ୬।୩(ସମିସ):** ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଡିଡିଙ୍ଗାପଦର ଗ୍ରାମର ଗଞ୍ଜେଇ ମାଫିଆ ରାଜେନ୍ଦ୍ର ନାଏକଙ୍କୁ ବୌଦ୍ଧ ଜିଲ୍ଲା ଜଜ୍ ପଳାତକ ଘୋଷଣା କରିବା ପରେ କୋର୍ଟ ଆଦେଶ ଅନୁସାରେ ଗ୍ରାମରେ ସାର୍ବଜନୀନ ନୋଟିସ୍ ଜାରି କରାଯାଇଛି। ବୌଦ୍ଧ ଥାନା ପୁଲିସ ଗ୍ରାମରେ ପହଞ୍ଚି ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦେବା ସହ ଗ୍ରାମରେ ସାର୍ବଜନିନ ନୋଟିସ୍ ମାରିଛି। ୩୦ ଦିନ ମଧ୍ୟରେ ଅଭିଯୁକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ହାଜର ନ ହେଲେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବ୍ୟାଜାପ୍ତି କରାଯିବ ବୋଲି ନୋଟିସରେ କୁହାଯାଇଛି।

ସପ୍ତମ ବୌଦ୍ଧ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଝାରସୁଗୁଡ଼ାକୁ ହରାଇ ସମ୍ବଲପୁର ବିଜୟୀ

**ବୌଦ୍ଧ, ୬।୩(ସମିସ)**

ବୌଦ୍ଧ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ଷ୍ଟାଡିୟମରେ ଚାଲିଥିବା ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ସମ୍ବଲପୁର ଓ ପ୍ରୋଗ୍ରେସିଭ ଆସୋସିଏସନ ଝାରସୁଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

ଟସ୍ ଜିତି ସମ୍ବଲପୁର ଦଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସରେ ଝାରସୁଗୁଡା ଦଳ ୩୧.୫ ଓଭର ସମସ୍ତ ୱିକେଟ ହରାଇ ୧୬୪ ରନ୍ କରିଥିଲା। ଦଳ ତରଫରୁ ଜୟନ୍ତ କାଇୱାର୍ଟ ୩୮ ବଲ୍‌ରୁ ୫୮ ରନ୍, ଉମେଶ ଗୌତମ ୪୩ ବଲ୍‌ରୁ ୨୭ ରନ୍, ସଚିନ ଯାଦବ ୨୭ ବଲ୍‌ରୁ ୨୧ ରନ୍ ସଂଗ୍ରହ କରିଥିଲେ। ସମ୍ବଲପୁର ଦଳର ନିଶିଥ ସିଂ ଓ ଦୀନ ଦାସ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିବାବେଳେ ପ୍ରଶାନ୍ତ ଦାସ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ଇନିଂସରେ ସମ୍ବଲପୁର ଦଳ ୨୪.୧ ଓଭରରେ ୭ ୱିକେଟ ବିନିମୟରେ ୧୬୭ ରନ୍ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଆୟୁଷ ନାଏକ ୫୭ ବଲ୍‌ରୁ ୬୧ ରନ୍, ଋଷି ମେହେର ୧୭ ବଲ୍‌ରୁ ୨୫ ରନ୍ କରିଥିଲେ। ଝାରସୁଗୁଡା ଦଳର ତାରିଣୀ ସା ଓ ଶୁଭମ ସିଂ ଉଭୟେ ୨ଟି ଲେଖାଏଁ ୱିକେଟ ନେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଆୟୁଷ ନାଏକ ପୁରସ୍କୃତ ହୋଇଥିଲେ। ବିଶ୍ୱମ୍ଭର ମହାକୁଡ ଓ ବଳରାମ ପଟ୍ଟନାୟକ ଅମ୍ପାୟାର ଥିବାବେଳେ ସ୍ୱାଗତ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ।



ହେମନ୍ତ ଚମ୍ପତି, ସୌରଭ ପତି, ପ୍ରଦୀପ ଦାସ ପ୍ରମୁଖ ସହଯୋଗ କରିଥିଲେ। ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନ୍ଦର ପ୍ରକାଶ ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ ଦେବାଶିଷ ପୁରୋହିତ, କାଉନସିଲର ଶ୍ୟାମସୁନ୍ଦର ବାରିକ, ଦେବାଶିଷ ବିଶି ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ନିରଞ୍ଜନ ମେହେର, ସମ୍ପାଦକ ଯୁଗଳ କିଶୋର ସାମଲ, ବରିଷ୍ଠ ସଦସ୍ୟ ଜଳେଶ୍ୱର ସାମଲ ଉପସ୍ଥିତ ଥିଲେ।

# ମୁଣ୍ଡ ଗୁଞ୍ଜିବାକୁ ଜାଗା ଖୋଜୁଛନ୍ତି ଯାତ୍ରୀ

**ସୋନପୁର, ୬।୩ (ସମିସ):** ସୋନପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଲାଣି। ୨-୩ ଦିନ ହେବ ତାତି ଯୋଗୁଁ ନିଦାଘ ଗ୍ରୀଷ୍ମ ଋତୁ ଭଳି ଅନୁଭବ ହେଉଛି। ଦିନର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହୁଛି। ତେବେ ଚଳିତ ବର୍ଷର ଖରା ସୋନପୁରର ବସ୍ ଯାତ୍ରୀଙ୍କୁ ଖୁବ୍ ସିଝାଇବ; କାରଣ ସୋନପୁର ବସଷ୍ଟାଣ୍ଡରେ ଏବେ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ଟିକିଏ ନାହିଁ। କିଛି ଦିନ ହେଲା ବସ୍ ଯାତ୍ରୀ ଖରାରୁ ବଞ୍ଚିବା ପାଇଁ ଦୋକାନ ଦୋକାନ ବୁଲୁଛନ୍ତି। ଦୋକାନ ସାମ୍ନାରେ ଛିଡା ହୋଇ ବସ୍‌ଯାତ୍ରୀ ଦ୍ୱିପହରର ଖରା କାଟୁଛନ୍ତି। ସୋନପୁରର ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବସଷ୍ଟାଣ୍ଡ ନିକଟରେ ଥିବା ବହୁ ଷ୍ଟଲ୍ ଭାଙ୍ଗି ଦିଆଯାଇଛି। ଏବେ ମରୁଭୂମି ଭଳି ଲାଗୁଛି ସୋନପୁର ବସଷ୍ଟାଣ୍ଡ। ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଖାଲି କରିବା ପାଇଁ ଆହୁରି ସମୟ ଲାଗିବ। ତେଣୁ ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ କରି ସମ୍ପୂର୍ଣ୍ଣ କରିବା ପାଇଁ ବହୁ ସମୟ ଲାଗିବ। ଏଭଳି ସ୍ଥଳେ ସୋନପୁର ବସଷ୍ଟାଣ୍ଡରେ ଯାତ୍ରୀ କିଭଳି ଚଳିତ ବର୍ଷର ଗ୍ରୀଷ୍ମ ଋତୁ କଟାଇବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ସୋନପୁର ବସଷ୍ଟାଣ୍ଡରେ ଅସ୍ଥାୟୀ ଯାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ କରି ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ସୋନପୁରରେ ନୂଆ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଏବେ ସ୍ଥାନ ଖାଲି କରାଯାଉଛି।


ସୋନପୁର ବସଷ୍ଟାଣ୍ଡ

# ଲୋୟର ସୁକତେଲ ପାଣି ଅପେକ୍ଷାରେ ପାଞ୍ଚ ପଞ୍ଚାୟତର ଚାଷୀ

**ବଲାଙ୍ଗିର/ମହୀମୁଣ୍ଡା, ୬।୩(ସମିସ)**

ମରୁଡ଼ି ମାଡ଼ରେ ନଇଁ ପଡ଼ିଥିବା ଚାଷୀଙ୍କ ଅଣ୍ଟା ସଳଖାଇବ ଲୋୟର ସୁକତେଲ ପାଣି। ଏ ବର୍ଷ ପହିଲାରୁ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଲୋକାର୍ପଣ କରିବା ପରେ ମନରେ ଆଶା ସଞ୍ଚାର ହୋଇଛି। ପୁଇଁତଲା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ଜଳସେଚନ



ପାଇଁ ଭୂତଳ ପାଇପ ବିଛା ଯାଉଥିବା ଦେଖି ଚାଷୀଙ୍କ ଖୁସି କହିଲେ ନସରେ; ହେଲେ ପୁଇଁତଲା ବ୍ଲକର ପାଞ୍ଚଟି ପଞ୍ଚାୟତ ଚାଷୀ ଏବେ ଆଶା ଆଶଙ୍କାରେ। ସେମାନଙ୍କ ଜମିକୁ ପାଣି ପହଞ୍ଚିବ କି ନାହିଁ ଏ ଚିନ୍ତାରେ ଘାରି ହେଉଛନ୍ତି।

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ପାଣି ପ୍ରଥମେ ପୁଇଁତଲା ବ୍ଲକ୍‌କୁ ଛୁଇଁବ। ଏହି ବ୍ଲକ ଅନ୍ତର୍ଗତ ୨୦ଟି ପଞ୍ଚାୟତକୁ ପାଣି ପହଞ୍ଚିବ। ହେଲେ ପୁଇଁତଲା ବ୍ଲକର ଅନ୍ୟ ୫ଟି ପଞ୍ଚାୟତର ଚାଷୀ ଏହି ପ୍ରକଳ୍ପ ଦ୍ୱାରା ଲଭାନ୍ୱିତ ହେବା ନେଇ ଆଶଙ୍କା କରୁଛନ୍ତି। ଏହି ପାଞ୍ଚଟି ପଞ୍ଚାୟତର ୩୨ଟି ଗ୍ରାମର ପାଖାପାଖି ୫୦୦ ଚାଷୀ ଲୋୟର ସୁକତେଲ ପାଣିରୁ ବଞ୍ଚିତ ହେବେ। ପଥର୍ଲା ପଞ୍ଚାୟତର ବଡ଼ବୁର୍କାବାହାଲ, ବାରଣ୍ଡାବାହାଲ୍, ଦୁହେଲ, ଗର୍ଗାମୁଣ୍ଡା, କୁନ୍ଦେଇଗାଡ଼, ଫଲସାପଦର, ପଥର୍ଲା, ଦଶପୁର ପଞ୍ଚାୟତର ଜାନିପାଲି, କୁଟେନପାଲି, ମେଡ଼ିପାଲି, ନାଇକେନପାଲି, ସୂର୍ଡ଼ା ଓ ଦଶପୁର ଗ୍ରାମ, ମହୀମୁଣ୍ଡା ପଞ୍ଚାୟତର ବିହିବନ୍ଧ, ବିଲେଇକାନି, ଡାହିମାଲ, ମହୀମୁଣ୍ଡା ଓ ସିରାବାହାଲ ଗ୍ରାମ, ଆଟଗାଁ ପଞ୍ଚାୟତର କାଲିଝରନ, କଷାବାହାଲ ଆଟଗାଁ, ମହଦେବପାଲି, ଓଡ଼ିଆପାଲି, ସାନବୁର୍କାବାହାଲ, ସିଲେଟପଡା, ଟଣ୍ଡାମୁଣ୍ଡା, କୁରୁଲ ପଞ୍ଚାୟତର କଙ୍କରିଆ, ଡୁମେରପାଲି, ଭରତବାହାଲ୍, କୁରୁଲ। ଏହି ସମସ୍ତ ଗ୍ରାମର ଚାଷୀ ଏବେ ଚିନ୍ତାରେ ରହିଛନ୍ତି। ଏହି ସମସ୍ତ ପଞ୍ଚାୟତରେ ପାଣି ଯୋଗାଇଦେବାକୁ ପୁଇଁତଲା ବ୍ଲକର ଏକ ପ୍ରତିନିଧିମଣ୍ଡଳୀ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଭେଟି ଦାବି ଜଣାଇଥିଲେ। ଏହି ପାଞ୍ଚଟି ପଞ୍ଚାୟତ ଜଳସ୍ତରଠାରୁ ଉଚ୍ଚ ସ୍ଥାନରେ ରହିଥିବାରୁ ପାଣି ଚଢ଼ାଇବାରେ ଅସୁବିଧା ସୃଷ୍ଟିହେବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଥିଲେ। ଅପରପକ୍ଷେ, ଏହାର ବିକଳ୍ପରେ ପଥର୍ଲା ପଞ୍ଚାୟତରୁ ୯ କିମି ଦୂରରେ ଥିବା ତେଲନଦୀରୁ ପାଣି ଉଠାଇ ମେଗା ଲିଫ୍ଟ ଇରିଗେସନ ପ୍ରକଳ୍ପ ମାଧ୍ୟମରେ ଜଳସେଚନ କରିବାକୁ ପ୍ରସ୍ତାବ ପାରିତ ହୋଇଥିବା ସୂଚନା ରହିଛି। ବର୍ତ୍ତମାନ ଲୋୟର ସୁକତେଲ ପ୍ରକଳ୍ପର ଭୂତଳ ପାଇପ ବିଛା କାମ ଚାଲିଥିବା ବେଳେ ଏହି ପଞ୍ଚାୟତର ଚାଷୀଙ୍କ ପାଇଁ ମଧ୍ୟ ବ୍ୟବସ୍ଥା କରାଗଲେ ସମକାଳୀନ ଭାବରେ ସେମାନେ ମଧ୍ୟ ଲାଭ ଉଠାଇପାରିବେ ବୋଲି ମତ ପ୍ରକାଶ ପାଇଛି।

### ସେମାନଙ୍କ ମତରେ ..



ଏହି ପାଞ୍ଚଟି ପଞ୍ଚାୟତକୁ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ କରିବାକୁ ଆମେ ୫-ଟି ଅଧ୍ୟକ୍ଷ ଓ ଜଳସମ୍ପଦ ମନ୍ତ୍ରୀଙ୍କୁ ଭେଟି ଦାବି କରିଛୁ। ଚାଷୀଙ୍କ ସ୍ୱାର୍ଥ ରକ୍ଷାପାଇଁ ଓଡ଼ିଶା ସରକାର ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଏହାର ସର୍ଭେ କାମ ସରି ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ଖୁବ ଶୀଘ୍ର ଏହାର କାମ ଆରମ୍ଭ ହେବ।

**ସରୋଜ ପ୍ରଧାନ, ପୁଇଁତଲା ବ୍ଲକ ଅଧ୍ୟକ୍ଷ**



ଆଟଗାଁ ପଞ୍ଚାୟତର ଅନେକ ଗାଁ ଚାଷ ପ୍ରଧାନ ଅଟେ। ଏଠାକାର ଅନେକ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଚାଷୀକୁଳର ଉନ୍ନତି ପାଇଁ ଲୋୟର ସୁକତେଲ ପାଣି ପହଞ୍ଚାଇବାକୁ ଆମେ ଦାବି ଜଣାଇଥିଲୁ। ଆମର ଦାବି ଶୁଣି ସରକାର ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଖୁବ ଶୀଘ୍ର ଏ ଅଞ୍ଚଳର ଚାଷୀ ମଧ୍ୟ ପାଣି ପାଇବେ ବୋଲି ଆଶା।

**ସଲୋନି ସେଠ, ଆଟଗାଁ ସରପଞ୍ଚ**



ବଲାଙ୍ଗିର ଜିଲ୍ଲାକୁ ଲୋୟର ସୁକତେଲ ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ଅତୁଳନୀୟ ଅବଦାନ। ଆଗାମୀ ଦିନରେ ବଲାଙ୍ଗିର ଜିଲ୍ଲା କୃଷିକ୍ଷେତ୍ରରେ ଏକ ଆଗୁଆ ଜିଲ୍ଲା ଭାବରେ ପରିଗଣିତ ହେବ। ପୁଇଁତଲା ବ୍ଲକର ୨୦ଟି ପଞ୍ଚାୟତ ଜଳସେଚିତ ହେବ। ୫-ଟି ପଞ୍ଚାୟତ ବାଦ୍ ପଡ଼ିବ ଏହା ଅତି ଦୁଃଖର ବିଷୟ। ଉକ୍ତ ପଞ୍ଚାୟତରେ ଜଳସେଚିତ ହୋଇପାରିଲେ ଚାଷୀକୁଳ ଉପକୃତ ହେବେ।

**ଦିଗାମ୍ବର ନାଏକ, ଅବସରପ୍ରାପ୍ତ ଶିକ୍ଷକ ତଥା କୁରୁଲ ଗାଁ ବାସିନ୍ଦା**

# ଗୌରଗୋଠରେ ଜଳଯୋଗାଣ ବନ୍ଦ; ଗ୍ରାମବାସୀ ହନ୍ତସନ୍ତ

**ଦେଓଗାଁ, ୬।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠରେ ଆଜକୁ ୭ ଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ ରହିଛି। ଉକ୍ତ ଗାଁକୁ ହେଉଥିବା ଜଳଯୋଗାଣରେ ଲାଗିଥିବା ପାଇପ କଂକ୍ରିଟ ରାସ୍ତା ତଳେ ରହିଥିବା ବେଳେ ତାହା କେତେକ ସ୍ଥାନରେ ନଷ୍ଟ ହୋଇଯାଇଛି। ପାଇପ୍‌ରେ ଗୋଟିଏ ସ୍ଥାନରେ ଚାବି ନଷ୍ଟ ହୋଇଯାଇଥିବାରୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବା ଗାଁବାସୀ ଅଭିଯୋଗ କରିଛନ୍ତି। ଗାଁକୁ ପାନୀୟଜଳ ଯୋଗାଣ ବନ୍ଦ ରହିଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ କରିବାସହ ପାନୀୟଜଳ ପାଇଁ ପ୍ରାୟ ୨ କିଲୋମିଟର ଦୂରକୁ ମା'ଭଉଣୀ ମାନେ ଯାଉଥିବା ପ୍ରକାଶ କରିଛନ୍ତି। ଗ୍ରୀଷ୍ମ ପ୍ରାରମ୍ଭରୁ ଏଭଳି ଅବସ୍ଥା ତେବେ ଆଗକୁ କେମିତି ପାଣି ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ କହିଛନ୍ତି, ମରାମତି କାମ ଆରମ୍ଭ କରିଛୁ ଦିନେ ଦୁଇଦିନ ମଧ୍ୟରେ ସମାଧାନ ହେବ।



# ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ

**ଦେଓଗାଁ, ୬।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଅପରାହ୍ନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକକୁ ୪୫୨ଟି କାର୍ଡ ଆସିଥିବା ସୂଚନା ଦିଆଯାଇଥିଲା। ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ପଧାନ, ସହକାରୀ ଯନ୍ତ୍ରୀ ପ୍ରଜ୍ଞାପରମିତା ସାବତ, କାର୍ଯ୍ୟନିର୍ବାହୀ ଅଧିକାରୀ ବୀଣା ପଧାନ, ଅରୁଣ ନାଗ, ଗ୍ରାମ ରୋଜଗାର ସେବକ ଆଲୋକ ସାହୁ ଉପସ୍ଥିତ ଥିଲେ।



# ବିଭିନ୍ନ ୱାର୍ଡ ବୁଲିଲେ ବିଧାୟକ

**ବଲାଙ୍ଗିର, ୬।୩(ସମିସ):** ଆମର ଲକ୍ଷ୍ୟ ଏକ ହେଲେ ଆମ ଭିତରେ ଏକତା ଆସିବ ଏବଂ ଆମର ଏକତା ହିଁ ଆମ ଅଞ୍ଚଳର ବିକାଶର ରାସ୍ତା ଦେଖେଇବ ବୋଲି ଆଜି ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୮, ୯, ୧୦, ୩, ୪, ୨୧ ର ବିଭିନ୍ନ ଅଞ୍ଚଳରେ ପଥପ୍ରାନ୍ତ ସଭାରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଓ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ସଦସ୍ୟ ସମରେନ୍ଦ୍ର ମିଶ୍ର କହିଛନ୍ତି। ବିଧାୟକ ଶ୍ରୀ ମିଶ୍ର ନିଜସ୍ୱ ପାଣ୍ଠି ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ପୌରାଞ୍ଚଳର ଉପରୋକ୍ତ ୱାର୍ଡରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକେନ୍ଦ୍ର, ମଣ୍ଡପ, ଗୋଷ୍ଠୀ କେନ୍ଦ୍ରଗୁଡିକର ଭିତ୍ତିପ୍ରସ୍ତର ପ୍ରଦାନ କରିଥିଲେ। ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଦଳିତ ନେତା ଓମ୍ ପ୍ରକାଶ କୁମ୍ଭାର, ହିମାଂଶୁ ନାୟକ, ଅନ୍ତ ମଛଖଣ୍ଡ, ବ୍ରଜକିଶୋର ସେଠୀ, ଜ୍ୟୋତିଷ ମୁଗ୍ରୀ, ସମୀର କୁମ୍ଭାର ପରିଚାଳନା କରିଥିଲେ।

# ଡାକ୍ତରଙ୍କ ଝିଅର ଆତ୍ମହତ୍ୟା

**ଟିଟିଲାଗଡ଼, ୬।୩(ସମିସ):** ଟିଟିଲାଗଡ଼ ସହରର ପ୍ରତିଷ୍ଠିତ ଶିଶୁ ରୋଗ ବିଶେଷଜ୍ଞ ଡା. ଗୋପବନ୍ଧୁ ସାହୁଙ୍କ ଘରେ ତାଙ୍କ ଝିଅ ଆଦ୍ୟା (୨୧) ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମଙ୍ଗଳବାର ବିଳମ୍ବିତ ରାତିରେ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଟିଟିଲାଗଡ଼ ପୁଲିସ ସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଅଧିକ ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡିବ। ସେ ଜିଲ୍ଲା ବାହାରେ ଆଇନ ପାଠ ପଢୁଥିଲେ। ଜଣେ ମେଧାବୀ ଛାତ୍ରୀ ଥିଲେ ବୋଲି ସୂଚନା ମିଳିଛି। କିଛି ଦିନ ହେବ ନିଜ ଘରକୁ ଆସିଥିବା ବେଳେ ହଠାତ୍ କାହିଁକି ଆତ୍ମହତ୍ୟା କଲେ ନା ଏହି ଘଟଣା ପଛରେ ଆଉ କିଛି ରହସ୍ୟ ରହିଛି ସେନେଇ କଳ୍ପନା ଜଳ୍ପନା ଚାଲିଛି।

# ଘଣ୍ଟାପଡ଼ା କଲେଜରେ ଛାତ୍ରବୃତ୍ତି ପ୍ରଦାନ

**ଶଗଡ଼ା, ୬।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ଆଞ୍ଚଳିକ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ -ଓ ଛାତ୍ରବୃତ୍ତି ପ୍ରମାଣପତ୍ର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗିରିଧର ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ ମହିଧର ରଣା, ସମ୍ମାନୀତ ଅତିଥି ଭାବେ ୧ନଂ ଜିଲ୍ଲାପରିଷଦ ସଦସ୍ୟା ସୁମିତ୍ରା ସାହୁ, ଶିକ୍ଷାବିତ ନିଳାଚଳ ଭୋଇ, ଜିଲ୍ଲା ବିଜେଡି ସଂଯୋଜକ ପ୍ରଶାନ୍ତ ରଣା, ପରିଚାଳନା କମିଟିର ସଭାପତି କାର୍ତ୍ତିକେଶ୍ୱର ବେହେରା, କମିଟି ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ ସାହୁ, ମମତା ରଣା ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡିର ଯୁବ ସମାବେଶ



**କଣ୍ଟାବାଞ୍ଜି/ତୁରେକେଲା, ୬।୩(ସମିସ):** ବିଜୁବାବୁଙ୍କ ୧୦୮ତମ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ କଣ୍ଟାବାଞ୍ଜି ହରିଭବନ ସମ୍ମୁଖରେ ବିଜେଡିର ଏକ ବିରାଟ ଯୁବ ସମାବେଶ ବରିଷ୍ଠ ନେତା ଅଜୟ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଜେଡି ଜିଲ୍ଲା ଆଇନସେଲ ସଭାପତି ପ୍ରଫୁଲ୍ଲ ନାୟକ, ରାଜ୍ୟ ଯୁବବିଜେଡି ସମ୍ପାଦକ ଅଜିତ ଯୋଶୀ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଶାନ୍ତନୁ ବିଭାର, ଜିଲ୍ଲା ସାଧାରଣ ସମ୍ପାଦକ ବିନୟ ବିଭାର, ନଗର ଯୁବ ସଭାପତି ବିଶାଳ ବେହେରା, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ମୁନା ମହାନ୍ତି, ଯୁବନେତା ଅଶୋକ କୁଁଅର, ଯୁବନେତା ବିରଞ୍ଚି ଜାଲ, ବୁଲୁ ସିଂ ଦେଓ, ଧନଞ୍ଜୟ ମଜଖଣ୍ଡ, ଅମୂଲ୍ୟ ନାଗ, ହିମାଂଶୁ ବଏ, ସରୋଜ ମେହେର, ମୁରିବାହାଲ ବ୍ଲକ ସଭାପତି ମିନିକେତନ ପାତ୍ର, ଲଛ ପୁଟେଲ, ତୁରେକେଲା ଛାତ୍ର ବିଜେଡି ନେତ୍ରୀ କୃତ୍ତିକା ମାଝୀ, ମୁରଲୀ ମଲ୍ଲିକ ଯୋଗ ଦେଇଥିଲେ। ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଯୋଗ ଦେଇଥିଲେ। ନିର୍ବାଚନମଣ୍ଡଳୀର ପ୍ରାୟ ୨ ହଜାର ଯୁବକ ଉପସ୍ଥିତ ଥିଲେ। ପ୍ରମୁଖ ନାରୀନେତ୍ରୀ ସସ୍ମିତା ଦଣ୍ଡସେନା, ନିଶା ମହାନନ୍ଦ, ଯାଜ୍ଞସେନୀ ବାଗ, ଆନନ୍ଦ ଅଗ୍ରୱାଲ, ଶ୍ୟାମ ବରଗର୍ତ୍ତୀ ପ୍ରମୁଖ ସଂଯୋଜନା କରିଥିଲେ. ପୂର୍ବାହ୍ନରେ ଅଜୟ ଦାସଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

# ୩ ପଞ୍ଚାୟତକୁ ପୁରସ୍କାର

**ନୂଆପଡ଼ା/ଖଡ଼ିଆଳ, ୬।୩ (ସମିସ):** ପଞ୍ଚାୟତିରାଜ ଦିବସ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ନୂଆପଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାର ୩ଟି ପଞ୍ଚାୟତକୁ ପୁରସ୍କୃତ କରାଯାଇଛି। ଭୋଜପୁର ପଞ୍ଚାୟତ ଆଦର୍ଶ ପଞ୍ଚାୟତ ରୂପେ ପ୍ରଥମ ସ୍ଥାନ ଗ୍ରହଣ କରି ୧ ଲକ୍ଷ୫୦ ହଜାର ଟଙ୍କା, ଦ୍ୱତୀୟ ସ୍ଥାନରେ ସିନାପାଲି ବ୍ଲକର ବରଗାଁ ପଞ୍ଚାୟତ ୧ ଲକ୍ଷ ୨୫ ହଜାର ଏବଂ ତୃତୀୟ ସ୍ଥାନରେ କୋମନା ବ୍ଲକର କୁରୁମପୁରୀ ପଞ୍ଚାୟତକୁ ୧ ଲକ୍ଷ ଟଙ୍କାର ଆର୍ଥିକ ରାଶି ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟାୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ କୁଳମଣି ନାୟକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ତିହାରୁ ନିଆଲ, ନାଏବ ସରପଞ୍ଚ ହେତୁକାନ୍ତି ପଟେଲ, ଗୋକୁଳ ଭୋଇ, ରତ୍ନାକର ପଟେଲ, ଶମ୍ଭୁପାଣି ବାରିକ, ସାଗର ଭୋଇ, ମୂର୍ଚ୍ଛନା ରାଉତ, ଗାୟତ୍ରୀ ତାଣ୍ଡି, ରିନା ସିଂ, ସୁଭଦ୍ରା ତାଣ୍ଡି, ବିଶ୍ୱନାଥ ପଟେଲ, ଡମ୍ବରୁ ପଟେଲ, ଭୁବନେଶ୍ୱର ପୁଞ୍ଜି, ଘାସିରାମ ଠେଲା, ଟିକମାନ ଭୋଇ, ରୋହିତ ପଟେଲ, ପୁଷ୍ପା ତାଣ୍ଡି, ନେତ୍ର ଭୋଇ, ଟୁନା ପଟେଲ, ଯଶୋବନ୍ତି ସାଗରିଆ, ମୋନିକା ଚଲାନ, ନରସିଂହ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ଦଳର କର୍ମକର୍ତ୍ତା ସମ୍ମିଳନୀ

**ସଇଁତଲା, ୬।୩(ସମିସ):** କଂଗ୍ରେସ ଦଳର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଆଇସିସି ସାଧାରଣ ସମ୍ପାଦକ ସାହାନାଜ ହୁସେନ ଚୌଧୁରୀ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁରେନ୍ଦ୍ର ସିଂ ଭୋଇ ଅଧ୍ୟକ୍ଷତା କରିଥିଲେ। ଏଆଇସିସି ସଦସ୍ୟ ବିଧୁଭୂଷଣ ତ୍ରିପାଠୀ, ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର, ସଦସ୍ୟ ଅଭିଷେକ ମହାନନ୍ଦ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଟୁନା ମହାପାତ୍ର, ପିପିସି ସଦସ୍ୟ ଡମ୍ବରୁଧର ଛତ୍ରିଆ, ପିସିସି ସମ୍ପାଦକ ଏମଡି ଆକବର ଖାନ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ମିଳନି ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଗଣେଶ ସାହୁ, କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଏସଟି ସେଲ ସଭାପତି ମୟ ପ୍ରଧାନୀ, ଏସସି ସେଲ ଓମପ୍ରକାଶ କୁମ୍ଭାର, ଜିଲ୍ଲା ଉପସଭାପତି ମନୀଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦେଶ ଯୁବ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁବ୍ରତ ବେହେରା ପରିଚାଳନା କରିଥିବା ବେଳେ ଜିଲ୍ଲା ଉପସଭାପତି ସନ୍ତକ ବହିଦାର ଧନ୍ୟବାଦ ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଅମିତ ରଥଙ୍କ ସମେତ ୧୪ଟି ବ୍ଲକର ସଭାପତି ତଥା କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ବିଜେପିର ୭୭ ଜଣ ମିଶିଲେ ବିଜେଡିରେ

**ପାଟଣାଗଡ଼, ୬।୩ (ସମିସ):** ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବାଲିପଟା ପଞ୍ଚାୟତର କଳାକାର ସଂଘର ସଭାପତି ନବ ପୁରୋହିତଙ୍କ ନେତୃତ୍ୱରେ ୩୦ ଜଣ ଓ ଘସିଏନ ପଞ୍ଚାୟତର ତ୍ରିଲୋଚନ ସରାପଙ୍କ ନେତୃତ୍ୱରେ ୪୭ ଜଣ ବିଜେପି ଛାଡି ବିଜେଡି ଦଳରେ ସାମିଲ ହୋଇଛନ୍ତି।ଏହି ମିଶ୍ରଣ ପର୍ବରେ ପ୍ରଦୀପ ପୁରୋହିତ, ବାସୁଦେବ ପାଢ଼ୀ, ରାଜେଶ ମେହେର, ବିଧାୟକ ନୋମିନି ହିମାଞ୍ଚଳ ପଧାନ, ନାରୀନେତ୍ରୀ ବିଦୁସ୍ମିତା ମହାକୁଡ଼, ତମିଆଁ ସମିତିସଭ୍ୟ ଗୋବିନ୍ଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



# ମୃତ୍ତିକା ନମୁନା ପରୀକ୍ଷଣ ସଚେତନତା

**ଦେଓଗାଁ, ୬।୩(ସମିସ):** ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରଠାରେ ବୁଧବାର ମୃତ୍ତିକା ନମୁନା ପରୀକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁବାସଚନ୍ଦ୍ର ବେହେରା, ପ୍ରଶିକ୍ଷକ ଭାବେ ରାଇଟ ଅଧ୍ୟକ୍ଷ ଲାଲବିହାରୀ ମଲ୍ଲିକ, ସିଡିପି ଏମଏଲଆଇପି ଜିଲ୍ଲା ମ୍ୟାନେଜର ଡମ୍ବରୁ ମେହେର ଯୋଗ ଦେଇଥିଲେ। ପୁଇଁନ୍ତଲା ବ୍ଲକ କୃଷି ଅଧିକାରୀ ସ୍ୱସ୍ତିକ ପଣ୍ଡା, ସହକାରୀ କୃଷି କୃଷି ଅଧିକାରୀ ଅଭିଷେକ ପାଢ଼ୀ, ଦେଓଗାଁ ସହକାରୀ କୃଷି ଅଧିକାରୀ ରୋହନ ଭୋଇ ଓ ଗ୍ରାମ୍ୟ କୃଷି କର୍ମଚାରୀ ଯୋଗଦେଇଥିବା ବେଳେ ବ୍ଲକର ଚାଷୀ ଓ କୃଷକ ସାଥୀ ଉପସ୍ଥିତ ଥିଲେ।

# ତୁଷୁରା ଏନ୍‌ଏସିରେ 'ଘରେ ଘରେ ଶଙ୍ଖ'

**ତୁଷୁରା, ୬।୩ (ସମିସ):** ତୁଷରା ଏନଏସିର ୯ ଓ ୧୦ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଡଭେଲା ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ଅଶୋକ ଜେନା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ଚିରାଗ ସିଂ ଦେଓ ଯୋଗ ଦେଇଥିଲେ। ବିଜେଡି ନେତା ରାଜା ବଗର୍ତ୍ତୀ, ଜ୍ୟୋତି ମହାପାତ୍ର, ରାମଶଙ୍କର ବାଗଙ୍କ ସହ ମିଶନ ଶକ୍ତିର ମହିଳାମାନେ ଓ ସ୍ଥାନୀୟ ବିଜେଡି କର୍ମୀ ଉପସ୍ଥିତ ଥିଲେ।



### ଖପ୍ରଖୋଲ ସିଏଚ୍‌ସି: ରୋଗୀ ସମ୍ପର୍କୀୟ ହେଉଛନ୍ତି ହଇରାଣ

# ଶବ ବ୍ୟବଚ୍ଛେଦ ପାଇଁ ନାହାନ୍ତି ସ୍ଥାୟୀ କର୍ମଚାରୀ

**ଖପ୍ରଖୋଲ, ୬।୩ (ସମିସ)**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରୁଥିବା ଯୁବକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଶବ ବ୍ୟବଚ୍ଛେଦ କେନ୍ଦ୍ରର ଅଚଳାବସ୍ଥା ଦେଖାଦେଇଛି। ଏହି କାର୍ଯ୍ୟ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାୟୀ କର୍ମଚାରୀ ଦିଆଯାଇ ନଥିବାରୁ ବର୍ତ୍ତମାନ ସମସ୍ୟା ସୃଷ୍ଟି ହେଉଛି ଏବଂ ରୋଗୀ ସମ୍ପର୍କୀୟମାନେ ହଇରାଣ ହେଉଛନ୍ତି।

ଖପ୍ରଖୋଲ, ଲାଠୋର ସମେତ ସୁଦୂର ବାଘମୁଣ୍ଡ, ଲୁହାସିଙ୍ଘା ପଞ୍ଚାୟତ ଅଞ୍ଚଳର ଲୋକେ ଏହି ସିଏଚ୍‌ସି ଉପରେ ଶବ ବ୍ୟବଚ୍ଛେଦ ପାଇଁ ନିର୍ଭର କରିଥାନ୍ତି। ବିଗତ କିଛିଦିନ ହେବ ଶବ ବ୍ୟବଚ୍ଛେଦ କରୁଥିବା ସମ୍ପୃକ୍ତ ଯୁବକ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ସେ ପୁଣି ଚିକିତ୍ସାଳୟର ଝାଡୁଦାର ଅଟନ୍ତି। ଶବ ବ୍ୟବଚ୍ଛେଦ ପାଇଁ କୌଣସି ପଦ ନ ଥିବାରୁ କେବଳ ଉକ୍ତ ଯୁବକଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ବର୍ତ୍ତମାନ ସେ ଅନୁପସ୍ଥିତ ଥିବା ଯୋଗୁଁ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କୌଣସି ଶବ ବ୍ୟବଚ୍ଛେଦ ପାଇଁ ଆସିଲେ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ କରିବା ପାଇଁ ନେବାକୁ ପଡୁଥିବା ଅଭିଯୋଗ ହେଉଛି। ଯଦ୍ୱାରା ଗରିବ ଶ୍ରେଣୀର ଲୋକେ ବିନା କାରଣରେ ବୋଝ ଉପରେ ନଳିତା ବିଡା ପରି ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ପ୍ରକାଶ ଥାଉକି, କିଛି ଦିନ ତଳେ କୁଲିହାମୁଣ୍ଡା ଗ୍ରାମର ପରକ୍ଷିତ ବାଗ ନାମକ ଜଣେ ବ୍ୟକ୍ତିଙ୍କ ବିୟୋଗ ହୋଇଥିଲା। ତାଙ୍କର ପଞ୍ଚନାମା କରିବା ପାଇଁ ଖପ୍ରାଖୋଲ ସିଏଚ୍‌ସିରେ ଶବ ବ୍ୟବଚ୍ଛେଦ ପାଇଁ କୌଣସି ବ୍ୟକ୍ତି ନ ବାହାରିବା କାରଣରୁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ କରିବାକୁ ପଠାଇ ଦିଆଯାଇଥିବା ବେଳେ ଉକ୍ତ ପରିବାର ଲୋକେ ହଇରାଣ ହୋଇଥିବା ସୂଚନା ମିଳିଛି। ଏନେଇ ସିଏଚ୍‌ସି ଅଧିକାରୀ ସୂରଜ ଦିପଙ୍କୁ ପଚାରିବାରୁ ଶବ ବ୍ୟବଚ୍ଛେଦ କରୁଥିବା ବ୍ୟକ୍ତି ଛୁଟିରେ ଥିବା ପ୍ରକାଶ କରିବା ସହ ଉକ୍ତ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ଏହାସହ ବ୍ୟବଚ୍ଛେଦ ପାଇଁ କୌଣସି ସ୍ଥାୟୀ ପଦ ନ ଥିବାରୁ ଲୋକମାନେ ହଇରାଣ ହେଉଛନ୍ତି। ଏଣୁ ସ୍ଥାନୀୟ ଲୋକଙ୍କ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଶବ ବ୍ୟବଚ୍ଛେଦ କରିବା ପାଇଁ କୌଣସି ସ୍ଥାୟୀ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ପାଇଁ ଦାବି ହେଉଛି।



